ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

ଓଡିଆ ବର୍ଣ୍ଣ ପରିଚୟ

ଓଡିଆ ଭାଷା ଓ ଯୋଗାଯୋଗ ଡିପ୍ଲୋମା କାର୍ଯ୍ୟକ୍ରମ

ପାଠ୍ୟକ୍ରମ-୧

ବ୍ଲକ

# ୩ ଓଡିଆ ବର୍ଣ୍ଣ ପରିଚୟ

ପଞ୍ଚମ ଏକକ

ଓଡିଆ ବର୍ଣ୍ଣ ବିଚାର

ଷଷ୍ଠ ଏକକ

ଓଡିଆ ବର୍ଣ୍ଣ ବ୍ୟବହାର

## ବିଶେଷଜ୍ଞ କମିଟି

| | | |
|---|---|---|
| ପ୍ରଫେସର ଡଃ ଖଗେଶ୍ୱର ମହାପାତ୍ର | ପ୍ରଫେସର (ଅବସରପ୍ରାପ୍ତ)<br>ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ,ଶାନ୍ତିନିକେତନ | ଅଧ୍ୟକ୍ଷ |
| ଡଃ ବସନ୍ତ କୁମାର ପଣ୍ଡା | ପ୍ରାଧ୍ୟାପକ,ଓଡିଆ ବିଭାଗ<br>ଆଂଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର | ସଦସ୍ୟ |
| ପ୍ରଫେସର ଡଃ ନାରାୟଣ ସାହୁ | ପ୍ରଫେସର (ଅବସରପ୍ରାପ୍ତ)<br>ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର | ସଦସ୍ୟ |
| ଡଃ କ୍ଷୀରୋଦ ଚନ୍ଦ୍ର ବେହେରା | ପ୍ରାଧ୍ୟାପକ,ଓଡିଆ ବିଭାଗ<br>ବି.ଜେ.ବି.ସ୍ୱୟଂଶାସିତ ମହାବିଦ୍ୟାଳୟ<br>ଭୁବନେଶ୍ୱର | ସଦସ୍ୟ |
| ଡଃ ଦିଲୀପ କୁମାର ନାୟକ | ଅଧ୍ୟାପକ,ଓଡିଆ ବିଭାଗ<br>ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ<br>ସମ୍ବଲପୁର | ଆବାହକ |

## ପ୍ରସ୍ତୁତି

| | | |
|---|---|---|
| ଡକ୍ଟର ଦେବାଶୀଷ ମହାପାତ୍ର | ଅଧ୍ୟାପକ, ଭାଷା ବିଜ୍ଞାନ<br>ଓମାର-ଅଲ ମୁକ୍ତାର ବିଶ୍ୱବିଦ୍ୟାଳୟ<br>ତୋବ୍ରୁକ, ଲିବ୍ୟା,ଉତ୍ତର ଆଫ୍ରିକା | ଲେଖକ |
| ଡକ୍ଟର ଦିଲୀପ କୁମାର ନାୟକ | ଅଧ୍ୟାପକ,ଓଡିଆ ବିଭାଗ<br>ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ<br>ସମ୍ବଲପୁର | ସମୀକ୍ଷା ଓ ସଂପାଦନା |

# ପ୍ରାକ୍‌ଭାଷ

ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଓଡିଆ ଭାଷା ଓ ଯୋଗାଯୋଗ କାର୍ଯ୍ୟକ୍ରମକୁ ସ୍ୱାଗତ ।

ଭାଷା ମଣିଷର ଏକ ସ୍ୱତନ୍ତ୍ର ବିଭବ ଯାହା ତାକୁ ଅନ୍ୟ ମଣିଷ ସହ ଯୋଗାଯୋଗ ରକ୍ଷା କରିବାରେ ସହାୟତା ପ୍ରଦାନ କରିଥାଏ । ଏହି ପ୍ରକ୍ରିୟା ମାଧ୍ୟମରେ ସେ ସାମାଜିକ ରୂପାନ୍ତରଣ ଆଡକୁ କ୍ରମଶଃ ଗତିକରେ । ଶିଶୁଟି ଏଇ ଭାଷା ମାଧ୍ୟମରେ ସମଗ୍ର ବିଶ୍ୱକୁ ଜାଣେ । ମଣିଷ ବିଭିନ୍ନ ସାଂକେତିକ ତଥା ଲିଖିତ ଭାଷା ମାଧ୍ୟମରେ ଆପଣା ଭାବ ପ୍ରକାଶ କରିଥାଏ । ତେଣୁ ଭାଷାକୁ ଆମେ ଏକ ପ୍ରକାରର ଭାବ-ବାହୀ ସଂକେତ ଭାବରେ ମଧ୍ୟ ଗ୍ରହଣ କରିପାରିବା, ଯାହା ସମଗ୍ର ପୃଥିବୀରେ ଭିନ୍ନଭିନ୍ନ ଉଚ୍ଚାରଣ ମାଧ୍ୟମରେ ସେଇ ସମାନ କଥାକୁ ଇଂଗିତ କରିପାରେ । ଅତଏବ ଏକା ପ୍ରକାରର ବକ୍ତବ୍ୟକୁ ଭିନ୍ନଭିନ୍ନ ଉଚ୍ଚାରଣ ଭଂଗୀ ବା ଶୈଳୀ ମାଧ୍ୟମରେ ପ୍ରକାଶ କରାଯାଉଥିବାରୁ ଭାଷାକୁ ଆମେ ଯୋଗାଯୋଗର ସର୍ବାପେକ୍ଷା ଶକ୍ତିଶାଳୀ ମାଧ୍ୟମ ଭାବରେ ମଧ୍ୟ ବିବେଚନା କରିପାରିବା । ଭାଷା ସଦା ପରିବର୍ତ୍ତନଶୀଳ ଏକ ଶକ୍ତିଶାଳୀ ମାଧ୍ୟମ । ଏହା ସର୍ବଦା ପାରିପାର୍ଶ୍ୱିକ ପରିବେଶ ଦ୍ୱାରା ବଦଳୁଥାଏ । ସେଥିପାଇଁ ଭାରତର ପ୍ରାଦେଶିକ ସୀମାରେଖାରେ ଜୀବନ କାଟୁଥିବା ଅଧିବାସୀ ମାନେ ନିଜ ପ୍ରଦେଶର ଓ ପଡୋଶୀ ପ୍ରଦେଶର ଭାଷା ଉପରେ ବେଶ୍ ଦକ୍ଷତା ଅର୍ଜନ କରିଥାନ୍ତି । ଭାରତରେ ପ୍ରଚଳିତ ମୋଟ ୭୮୦ଟି କଥିତ ଭାଷାରୁ ବିଗତ ୫୦ ବର୍ଷ ମଧ୍ୟରେ ଅନ୍ତତଃ ୨୨୦ରୁ ଉର୍ଦ୍ଧ୍ୱ ଭାଷା ମୃତ୍ୟୁ ଲଭିଲେଣି । ଏଥି ମଧ୍ୟରୁ ଅନେକଙ୍କର ଲିଖିତରୂପ ନାହିଁ । ସରକାରୀ ପ୍ରୋତ୍ସାହନ ଅଭାବରୁ ଅନେକ ଭାଷା କ୍ରମଶଃ ଲୋପ ପାଉଥିବାର ଦୃଷ୍ଟାନ୍ତ ମଧ୍ୟ ଦେଖିବାକୁ ମିଳିଥାଏ । କିନ୍ତୁ ଏଭଳି କିଛି ପ୍ରାଚୀନ ଭାଷା ରହିଛି, ଯେଉଁଥିରେ ଅତି ମୂଲ୍ୟବାନ ତଥ୍ୟ,ତତ୍ତ୍ୱ,ଦର୍ଶନ ଲୁକ୍‌କାୟିତ ହୋଇରହିଛି । ଅତଏବ ସେ ସବୁଭାଷାର ଅଧିକରୁ ଅଧିକ ପ୍ରୟୋଗ ହୋଇପାରିଲେ ତା'ର ଅନ୍ତଃସତ୍ତାକୁ ବୁଝିବା ଓ ପ୍ରକାଶ କରିବା ସମ୍ଭବ ହେବ ।

ଭାଷା ଗୋଟିଏ କ୍ଲିଷ୍ଟକର ବ୍ୟାପାର । ଏହାକୁ ବୁଝିବାକୁ,ଜାଣିବାକୁ ହେଲେ ବ୍ୟାକରଣ ଜ୍ଞାନ ନିତାନ୍ତ ପ୍ରୟୋଜନ । ବ୍ୟାକରଣ ମାଧ୍ୟମରେ ତର୍କ ଏବଂ ତର୍କ ମାଧ୍ୟମରେ ଭାଷାବିଜ୍ଞାନକୁ ବୁଝିବା ସହଜସାଧ୍ୟ ହୋଇଥାଏ । ଆମମାନଙ୍କ ଜୀବନ ଉପରେ ଭାଷାର ପ୍ରଭାବ ଅତୁଳନୀୟ । ଭାଷା ଏକ ଜୀବନ୍ତ ପ୍ରକ୍ରିୟା । ଏହାକୁ ଅର୍ଜନ କଲେ ଜ୍ଞାନର ଦିଗ୍‌ବଳୟ ପ୍ରସାରିତ ହୋଇଥାଏ । ଅତଏବ ଭାଷା, ଭାଷା ବିଭବ ବ୍ୟାକରଣ ଓ ତା'ର ପ୍ରାୟୋଗିକ ଦିଗ ଗୁଡିକୁ ଉତ୍ତମ ରୂପେ ବୁଝିବା ଆବଶ୍ୟକ । ଏହି ଆବଶ୍ୟକତାକୁ ଦୃଷ୍ଟିରେ ରଖି ଓଡିଆ ଭାଷା ଓ ଯୋଗାଯୋଗ ଡିପ୍ଲୋମା କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ବହିରାଗତ ଆକ୍ରମଣକାରୀଙ୍କ ପ୍ରଭାବ ଯୋଗୁଁ ଭାରତର ବିଭିନ୍ନ ସାମାଜିକ, ରାଜନୈତିକ, ଅର୍ଥନୈତିକ ତଥା ସାଂସ୍କୃତିକ କ୍ଷେତ୍ରରେ ବିପୁଳ ଆଲୋଡନା ସୃଷ୍ଟି ହୋଇଥିଲା । ସେଇ ସମୟରେ ଅତୀତର ରାଜା ଓ ରାଜା କୈନ୍ଦ୍ରିକ ଭାଷା ଆମର ଭାଷା ଭଣ୍ଡାରକୁ ବହୁମାତ୍ରାରେ ପ୍ରଭାବିତ କରିଥିଲା । ତେଣୁ ପଂଚଦଶ ଶତାବ୍ଦୀରୁ ଊନବିଂଶ ଶତାବ୍ଦୀର ମଧ୍ୟଭାଗ ପର୍ଯ୍ୟନ୍ତ ଅଣଇଂରେଜୀ ବୈଦେଶିକ ପ୍ରଭାବ ଏବଂ ତା ପରଠାରୁ ଇଂରେଜୀ ଭାଷା ସଂସ୍କୃତିର ପ୍ରଭାବ ଆମ ଭାଷା ବିଭବକୁ ପ୍ରକାରାନ୍ତରେ ସମୃଦ୍ଧ କରିଛି ବୋଲି କୁହାଯାଇପାରିବ । ରେଡିଓ,ମୁଦ୍ରିତ ଓ ବୈଦ୍ୟୁତିକ ଗଣମାଧ୍ୟମର ବିସ୍ତାର ସହ ବିଜ୍ଞାନ ଓ ବୈଷୟିକ ବିଦ୍ୟାର ପ୍ରସାର ଯୋଗୁଁ ଆମ ଭାଷାରେ ଅନେକ ପ୍ରକାରର ନୂତନ

ଶବ୍ଦ ଓ ବାକ୍ୟପ୍ରକରଣ ଶୈଳୀର ଅନୁପ୍ରବେଶ ଘଟିଛି । ଏସବୁର ସଫଳ ଓ ତ୍ରୁଟିଶୂନ୍ୟ ପ୍ରୟୋଗକୁ ଦେଖାଇବା ସହ ଓଡିଆ ଭାଷା ଓ ବ୍ୟାକରଣ ସୁବିସ୍ତୃତ ପରିଚୟ ପ୍ରଦାନ କରିବା ଉକ୍ତ କାର୍ଯ୍ୟକ୍ରମର ଅନ୍ୟତମ ଲକ୍ଷ୍ୟ ।

ସମୁଦାୟ ୩୨ଟି କ୍ରେଡିଟ୍‌ରେ ବିଭାଜିତ ଉକ୍ତ କାର୍ଯ୍ୟକ୍ରମରେ ମୋଟ ଦୁଇଟି ସେମିଷ୍ଟର ରହିଛି । ପ୍ରତ୍ୟେକ ସେମିଷ୍ଟର ନିମନ୍ତେ ତିନୋଟି ଲେଖାଏଁ ପାଠ୍ୟକ୍ରମ ଅନୁବର୍ତ୍ତନ କରାଯାଇଛି । ସର୍ବଶେଷରେ ପୂର୍ବପଠିତ ସମସ୍ତ ବିଦ୍ୟାକୁ କଂପ୍ୟୁଟର କୌଶଳ ମାଧ୍ୟମରେ ଲିଖିତରୂପ ପ୍ରଦାନ କରାଯାଇ ଶିକ୍ଷାକୁ ଅଧିକ ଯୁଗୋପଯୋଗୀ କରାଯାଇପାରିବ ସେଥି ନିମନ୍ତେ ପ୍ରଯତ୍ନ କରାଯାଇଛି । ପ୍ରତ୍ୟେକ ସେମିଷ୍ଟର ଶେଷରେ ପ୍ରାୟୋଗିକ ଦିଗକୁ ସମୃଦ୍ଧ କରିବାପାଇଁ ପ୍ରୋଜେକ୍ଟ ରଖାଯାଇଛି । ସହଜ ପଠନ ନିମନ୍ତେ ପ୍ରତ୍ୟେକ ପାଠ୍ୟକ୍ରମକୁ ବିଭିନ୍ନ  ବ୍ଲକ୍ ଓ ପ୍ରତ୍ୟେକ ବ୍ଲକ୍‌ଙ୍କୁ ୟୁନିଟ୍ / ଏକତ୍ରରେ ବିଭକ୍ତ କରାଯାଇଛି ।

ପାଠ୍ୟକ୍ରମ ପରିବେଷଣର ନିର୍ଦ୍ଦିଷ୍ଟ ଅନ୍ତରାଳରେ ନିଜର ପ୍ରଗତି ମାପିବା ନିମନ୍ତେ ଆତ୍ମପରିକ୍ଷଣ ପ୍ରଶ୍ନାବଳୀ ପ୍ରଦାନ କରାଯାଇଛି । ପଠନ କାଳରେ ଏସବୁର ଉତ୍ତର ଲେଖିବାପାଇଁ ପ୍ରଦତ୍ତ ଶୂନ୍ୟସ୍ଥାନରେ ବିଦ୍ୟାର୍ଥୀମାନେ ଛୋଟ ଛୋଟ ଉତ୍ତର ଲେଖାନ୍ତୁ ଏବଂ ପରବର୍ତ୍ତୀ ପାଠ୍ୟକ୍ରମକ ଆଡକୁ ଆଗେଇ ଚାଲନ୍ତୁ । ତଦ୍ଦ୍ୱାରା ପାଠ୍ୟକ୍ରମ ସମାପ୍ତି ବେଳକୁ ବିଦ୍ୟାର୍ଥୀମାନେ ସେହି କ୍ଷେତ୍ରରେ ଆତ୍ମ ବିଶ୍ୱାସ ଅର୍ଜନ କରିପାରିବେ । ବିଶ୍ୱାସ,ବିଦ୍ୟାର୍ଥୀମାନେ ଏହି ମୁଦ୍ରିତ ପାଠ୍ୟ ବ୍ୟତୀତ,ଇଂଟରନେଟ୍,ରେଡିଓ .ମଲ୍ଟିମିଡିଆ କ୍ଲାସ୍,ୱେବ୍ ସାଇଟ୍, ଇ-ମେଲ ,ଇତ୍ୟାଦିର ସଫଳ ପ୍ରୟୋଗ କରି ଅଧିକରୁ ଅଧିକ ବୋଧଗମ୍ୟତା ଅର୍ଜନ କରିବେ ।

ମୁକ୍ତ ଓ ଦୂରଶିକ୍ଷା ପ୍ରବର୍ତ୍ତନ କ୍ଷେତ୍ରରେ ଏହା ଏକ ପ୍ରାରମ୍ଭିକ ପ୍ରଚେଷ୍ଟା । ଅତଏବ ବିଦ୍ୟାର୍ଥୀମାନେ ପଠନକାଳରେ ନିଜର ସୁଚିନ୍ତିତ ମତାମତ ପ୍ରଦାନକଲେ ପରବର୍ତ୍ତୀ କାଳରେ ତାହା କିପରି ଅଧିକ ଉପଯୋଗୀ ହୋଇପାରିବ,ସେଥି ନିମନ୍ତେ ପ୍ରଯତ୍ନ କରାଯିବ ।

ସଂପାଦକ

# ଓଡ଼ିଆ ବର୍ଣ୍ଣ ପରିଚୟ

## ୧. ପଞ୍ଚମ ଏକକ : ସ୍ୱରବର୍ଣ୍ଣ ଓ ବ୍ୟଞ୍ଜନ ବର୍ଣ୍ଣ

## ବିଷୟର ଗଠନ :


୫.୧ ପଠନର ଉଦ୍ଦେଶ୍ୟ

୫.୨ ବିଷୟ ପରିଚୟ

୫.୩ ବର୍ଣ୍ଣ ସଂପର୍କରେ ସମ୍ୟକ୍ ଧାରଣା

୫.୩.୧ ସ୍ୱର ବର୍ଣ୍ଣ

୫.୩.୨ ବ୍ୟଞ୍ଜନ ବର୍ଣ୍ଣ

୫.୪ ଓଡ଼ିଆ ବର୍ଣ୍ଣ ଓ ବର୍ଣ୍ଣର ବିଭାଗୀ କରଣ

୫.୫ ବର୍ଣ୍ଣମାନଙ୍କ ଉଚ୍ଚାରଣ ସ୍ଥାନ

୫.୬ ଯୁକ୍ତବର୍ଣ୍ଣ ଓ ଅନୁନାସିକ ବର୍ଣ୍ଣ ଓଡ଼ିଆ ଲିପି ଓ ବନାନ

୫.୭ ଶବ୍ଦ ଗଠନ

୫.୮ ଶୁଦ୍ଧ - ଅଶୁଦ୍ଧ ବିଚାର

୫.୯ ତୁମ ପାଇଁ କାମ


## ୫.୧ ପଠନର ଉଦ୍ଦେଶ୍ୟ :

ଏହି ବିଷୟରେ ପଢ଼ିସାରିବା ପରେ ତୁମେ

- ଓଡ଼ିଆ ସ୍ୱରବର୍ଣ୍ଣ ଓ ବ୍ୟଞ୍ଜନ ବର୍ଣ୍ଣ ବିଷୟରେ ଜାଣିପାରିବ ।
- ଓଡିଆ ବର୍ଣ୍ଣମାଳା ବୁଝିବା ପରେ ବିଭିନ୍ନ କ୍ଷେତ୍ରରେ ଓଡ଼ିଆ ବର୍ଣ୍ଣ ଗୁଡିକର ସଠିକ୍ ପ୍ରୟୋଗ କରିବା ପାଇଁ ସମର୍ଥ ହୋଇପାରିବ ।
- ଓଡ଼ିଆ ବର୍ଣ୍ଣର ବିଭାଗୀକରଣ ଓ ଶୁଦ୍ଧ -ଅଶୁଦ୍ଧ ବିଷୟରେ ଏକ ସୁଲଧାରଣା ହେବ ।
- ଓଡ଼ିଆ ବର୍ଣ୍ଣମାଳା ଯେ, ବ୍ୟବହାର ଉପଯୋଗୀ ଏହା ଅନୁଭବ କରିପାରିବ ।

## ବିଷୟ ପରିଚୟ

ବିଦ୍ୟାର୍ଥୀଗଣ ,ତୁମେମାନେ ଆମ ଓଡିଆ ଭାଷାର ବ୍ୟବହାରିକ ବୈଶିଷ୍ଟ୍ୟ ବିଷୟ ବୁଝିଥିବ, ଆମ ଭାଷାରେ ଏମିତି କେତେକ ସ୍ୱାତନ୍ତ୍ର୍ୟ ଅଛି ଯାହାକି ନିଆରା ଏବଂ ନିଜସ୍ୱ। ଧରାଯାଉ ନାମକରଣ। ଆମ ଓଡିଶାରେ ଚାରି ଜାଗାରେ ଚାରିଗୋଟି ଅଞ୍ଚଳ

ଅଛି ଯାହାକି ବର୍ଣ୍ଣ ଓ ବନାନ ଦୃଷ୍ଟିରୁ ବେଶ କୌତୂହଳପ୍ରଦ। ସେହି ଚାରିଟି ନାମ ହେଉଛି - ପିପିଲି, ବିରିଡି,ଚିକିଟି,ତିହିଡି। ଆଉ ଗୋଟେ କଥା ଲକ୍ଷ୍ୟ କରିଥିବ। ସେ କଥାଟି ହେଉଛି,ଆମେ ବ୍ୟବହାର କରୁଥିବା ଅନେକ ଶବ୍ଦ ମୂଳତଃ ଆମର ନୁହେଁ, ତେବେ ପରବର୍ତ୍ତୀ କାଳରେ ବାରମ୍ବାର ବ୍ୟବହାର ହେତୁ,ସେସବୁ ଶବ୍ଦ ଏବେ ଆମ ଭାଷାର ସଂପଦ। ଆମେ ଯଦି ସ୍ୱରବର୍ଣ୍ଣ ଓ ବ୍ୟଞ୍ଜନ ବର୍ଣ୍ଣ ଆଦ୍ୟରେ ଥାଇ ଏଭଳି କେତୋଟି ନିର୍ବାଚିତ ନିତିଦିନିଆ ଶବ୍ଦର ତାଲିକା କରିବା , ତେବେ ସେ ତାଲିକାଟି ଏମିତି ହୋଇପାରେ –

ତେଲୁଗୁ ଭାଷା ( ବ୍ୟଞ୍ଜନ ବର୍ଣ୍ଣ ଆଦ୍ୟରେ ଥିବା )

| | |
|---|---|
| ମାଳ | କୁମୁଟି |
| ପୁଷି | ଡିବି |
| ଗିନା | କାତ |
| ରାଣ | କଡା |
| ଗୁଣ୍ଡିଚା | ଡେରା |

ତାଲିମ୍ ଭାଷା ( ବ୍ୟଞ୍ଜନ ବର୍ଣ୍ଣ ଆଦ୍ୟରେ ଥିବା)

| | |
|---|---|
| ସାନ | ଖାଲ |
| କୋଇଲି | ଡାଟି |
| ଗୋଡି | ତଣ୍ଟି |
| କଡା | ପେଟୀ |
| ଠିକ୍ | ପଲ |

ଆଦିବାସୀ ଭାଷା ସମୂହର ପ୍ରଭାବ ମଧ୍ୟ ଆମ ଓଡିଆ ଭାଷାରେ ଅନୁଭୂତ ହୁଏ। ଅନେକ ଶବ୍ଦ ଆମେ ସେମାନଙ୍କ ଠାରୁ ଗ୍ରହଣ କରିଛୁ। ଯେମିତିକି –

ବ୍ୟଞ୍ଜନ ବର୍ଣ୍ଣ ଆଦ୍ୟରେ ଥାଇ ଗଠିତ ଶବ୍ଦ -

| | |
|---|---|
| କଇଁଛ | ବାଡି |
| ବିଲ | କୋଡି( କୋଡିଏ) |
| ପୋକ | ପଡା(ଗାଁ) |
| ଚୋପା | ଚୁଆ( ଛୋଟ ପୋଖରୀ) |
| ଡଙ୍ଗା | ଖୁଡୀ |

| | |
|---|---|
| ପଣ୍ଡା | ବଟୁଆ |
| ଢିଙ୍କି | ଘୁଷୁରି |
| ଚୁଟି | ଗୋଧି |
| ଟୋକେଇ | ପଣସ |
| ମୋଟା | ଡାହି(ଛୋଟ ଡାଳ) |

ସେହିପରି ଆହୃତ ବା ବୈଦେଶିକ ଶବ୍ଦର ବହୁ ପ୍ରଭାବ ଆମେ ଲକ୍ଷ୍ୟ କରୁ, ଆମେ ଆମ ବ୍ୟବହାରର ସୁବିଧା ପାଇଁ ଇଂରାଜୀ ଶବ୍ଦ ସ୍ଲେଟ୍‌କୁ ସିଲଟ, ଗ୍ଲାସକୁ ଗିଲାସ, କ୍ଲାସକୁ କିଲାସ,ଆଲମୀରାକୁ ଆଲମାରୀ, ରିକ୍ସାକୁ ରେକ୍ସା ,ସ୍କଲ୍‌କୁ ଇସ୍କୁଲ କରିଦେଇଛି। ତେବେ ଆମେ ନିତିଦିନ ବ୍ୟବହାର କରୁଥିବା ଅନେକ ଆହୃତ ଶବ୍ଦ ଆମ ଭାଷାର ବ୍ୟାବହାରିକ ବୈଶିଷ୍ଟ୍ୟକୁ ଦର୍ଶାଇବାରେ ସହାୟକ ହୋଇ ଥାଏ । କେତୋଟି ଉଦାହରଣ ଦେଖିବା –

ଆହୃତ ବା ବୈଦେଶିକ ଶବ୍ଦ ( ସ୍ୱର ବର୍ଣ୍ଣ ଆଦ୍ୟରେ ଥାଇ ଗଠିତ)

| | | | | |
|---|---|---|---|---|
| ଅବକାରୀ | ଅଙ୍ଗୁର | ଅସନା | ଅଫିମ | ଅରଜି |
| ଅକଲ | ଅଦାଲତ | ଅମାର | ଆରାମ | ଅମଳ |
| ଆଇନା | ଆମଦାନୀ | ଆଚାର | ଅସ୍ତ୍ର | ଏତଲା |
| ଇସାରା | ଇସ୍ତଫା | ଇସ୍ତାହାର | ଓରଫ | ଓଜନ |

ଆହୃତ ବା ବୈଦେଶିକ ଶବ୍ଦ (ବ୍ୟଞ୍ଜନ ବର୍ଣ୍ଣ ଆଦ୍ୟରେ ଥାଇ ଗଠିତ)

| | | | | | |
|---|---|---|---|---|---|
| କଫ | କାବୁ | ଦଶା | କଜିଆ | ତାରିଖ | |
| କଲମ | ତାମସା | ତହବିଲ | କମ୍ | ଜାଲ | |
| କାରିଗର | କାରବାର | କରଜ | କିସ୍ତି | କୁଲି | |
| ତାରକସି | ଜହର | ଦରକାର | ଜଲ୍‌ଦି | ଦରଖାସ୍ତ | |
| ନଗଦ | ତୋପ | ଖାତା | ଦୁନିଆ | ତୋଫାନ | |
| ଖଜଣା | ହୁକୁମ | ନମୁନା | ଖିଆଲ | ଫସଲ | |
| ନରମ | ଖର୍ଚ୍ଚ | ଫିକର | ନାସପାତି | ଖଲାସ | |
| ଖାସି | ବାଦାମ | ବାର | ଖାତିର | ବଜାର | |
| ଖାକି | ପସନ୍ଦ | ଖାଲ | ଫାଇଦା | ଖିଆଲ | ଇତ୍ୟାଦି। |

ବିଦ୍ୟାର୍ଥୀଗଣ ,ମନେରଖ ଭାଷା ହେଉଛି ବହିଯାଉଥିବା ନଈ। ତେଣୁ ଆମ ଭାଷା ମଧ୍ଯ ଠିକ୍ ଗତିଶୀଳା ଚିର ପ୍ରବହମାନ ନଈଟିଏ ଭଳି କାହିଁ କେଉଁ ଯୁଗରୁ ଆଜିଯାଏଁ ଗତି କରିଆସିଛି। ଆମେ ଦେଖିଲେ ଭାଷାର ସଂପଦ ହେଉଛି ଶବ୍ଦାବଳୀ । ଶବ୍ଦ ଗୁଡିକର ଗଠନ ଓ ବ୍ୟବହାର ପ୍ରତ୍ୟେକ ଭାଷାକୁ ବୈଶିଷ୍ଟ୍ୟମୟ କରିଥାଏ। ଆମ ଭାଷାକୁ ମଧ୍ଯ ଅନୁରୂପ ଭାବେ ଶବ୍ଦାବଳୀ ସ୍ୱାତନ୍ତ୍ର୍ୟ ପ୍ରଦାନ

କରିଛି। କେତେଗୁଡିଏ ବ୍ୟବହାରିକ ଉଦାହରଣକୁ ଆମେ ଲକ୍ଷ୍ୟକରି ଦେଖିଲେ ଯେ, ସ୍ୱରବର୍ଣ୍ଣ ବ୍ୟଞ୍ଜନ ବର୍ଣ୍ଣ ଗଠିତ ବହୁ ଶବ୍ଦ ଯଦିଓ ଆମର ନିଜସ୍ୱ ନୁହେଁ ତେବେ ବାରମ୍ବାର ବ୍ୟବହାର ଫଳରେ ଏବେ ଆମ ଭାଷାର ସମ୍ପତ୍ତି ହୋଇଯାଇଛି। ତେଲୁଗୁ ,ତାମିଲ ଭଳି ଦ୍ରାବିଡ ଭାଷା ଠାରୁ ଆରମ୍ଭ କରି ଆରବୀ, ପର୍ତ୍ତୁଗୀଜ, ଫରାସୀ,ଇଂରାଜୀ ଭଳି ବୈଦେଶିକ ଭାଷାର ପ୍ରଭାବ ଆମ ଓଡିଆ ଭାଷା ଉପରେ ପଡିଛି। ଫଳରେ ସେହିସବୁ ଭାଷାର ଅନେକ ଶବ୍ଦ ଆମେ ଆମ ବ୍ୟବହାରିକ ସୁବିଧା ହେତୁ ଆମ ଭାଷାକୁ ନେଇଆସିଛେ। ଏହିସବୁ ଶବ୍ଦ ଏବେ ଆମର ନିତିଦିନିଆ ବ୍ୟବହାରରେ ଆସୁଛି। ଏହା ଆମ ବର୍ଣ୍ଣମାଳା ଓ ବନାନର ଖାଲି ବିବିଧତା ଦର୍ଶାଉ ନାହିଁ , ବରଂ ଏହିସବୁ ଶବ୍ଦ ଆମ ଭାଷାର ବ୍ୟବହାରିକ ଆବଶ୍ୟକତାକୁ ଅନେକାଂଶରେ ପୂରଣ କରିବାରେ ସହାୟକ ହୋଇପାରିଛି। ତୁମେ ମାନେ ଭାଷା ଓ ଯୋଗାଯୋଗର ମାଧମ ବା ଭାବ ଆଦାନ ପ୍ରଦାନର ବାହକ ମାତ୍ର ନୁହେଁ। ଭାଷା ଦେଇଥାଏ ପରିଚିତି। ଭାଷାକୁ ନେଇ ଅସ୍ମିତା। ଭାଷା ପାଇଁ ହିଁ ପରିଚୟ। ଭାଷାର ସୀମା ସରହଦ ନଥାଏ। ଭାଷା ସମସ୍ତଙ୍କୁ ଆଦର କରେ। ଭାଷା ସମସ୍ତଙ୍କୁ ଆପଣେଇ ନିଏ। ଭାଷା ଓ ଯୋଗାଯୋଗ ପରସ୍ପରର ପରିପୂରକ। ଉଭୟଙ୍କ ମଧ୍ୟରେ ସଂପର୍କ ଘନିଷ୍ଠ।

ବିଦ୍ୟାର୍ଥୀମାନେ ମନେରଖ ଆମେ ପ୍ରତିଦିନ ବ୍ୟବହାର କରୁଥିବା ବହୁ ଓଡିଆ ଶବ୍ଦ ବ୍ୟାକରଣ ଦୃଷ୍ଟିରୁ ବିଚାର କଲେ ଅଶୁଦ୍ଧ। ସେହି ଶବ୍ଦ ସବୁ ଆମେ ବ୍ୟବହାର ଦୃଷ୍ଟିରୁ ହୁଏତ ଚଳାଇ ନେଉଛୁ ବା ଗ୍ରହଣ କରି ନେଇଛୁ। ତେବେ ତୁମେ ମାନେ ଯେହେତୁ ବିଦ୍ୟାର୍ଥୀ ଏବଂ ବର୍ଣ୍ଣ ଓ ଶବ୍ଦ ବିଷୟରେ ଅଧ୍ୟୟନର ଆଗ୍ରହ ରଖିଛ ତେଣୁ ତୁମେ ମାନେ ଅନ୍ତତଃ ସେହି ସବୁ ,ଶବ୍ଦ ମଧରୁ ଅଶୁଦ୍ଧ ଓ ଶୁଦ୍ଧ ବୁଝି ପରବର୍ତ୍ତୀ କାଳରେ ଶୁଦ୍ଧ ଶବ୍ଦର ବ୍ୟବହାର ଦିଗରେ ହୁଏତ ଯତ୍ନବାନ୍ ହେବ। ଆମେ ଯଦି ପ୍ରଥମେ ସ୍ୱରବର୍ଣ୍ଣ ବିଚାର କରିବା ତେବେ ଅ, ଆ,ଇ,ଉ,ଐ, ଓ ଇତ୍ୟାଦି ସ୍ୱର ବର୍ଣ୍ଣରୁ ଗଠିତ କେତୋଟି ଶବ୍ଦର ବିଚାର କରିବା ,ଯେମିତିକି –

'ଅ' ସ୍ୱରବର୍ଣ୍ଣ –

| ଅଶୁଦ୍ଧ | ଶୁଦ୍ଧ |
|---|---|
| ଅକ୍ଷୁର୍ଣ୍ଣ | ଅକ୍ଷୁଣ୍ଣ |
| ଅଦ୍ୟାପିସୁଦ୍ଧା | ଅଦ୍ୟାପି ବା ଏବେସୁଦ୍ଧା |
| ଅଧୀନସ୍ଥ | ଅଧୀନ |
| ଅନାଟନ | ଅନଟନ |
| ଅନାବଶ୍ୟକୀୟ | ଅନାବଶ୍ୟକ |
| ଅନ୍ୟାନ୍ୟମାନେ | ଅନ୍ୟମାନେ |
| ଅପୁତ୍ରିକ | ଅପୁତ୍ରକ |
| ଅହର୍ନିଶି | ଅହର୍ନିଶ |
| ଅର୍ଦ୍ଧରାତ୍ରି | ଅର୍ଦ୍ଧରାତ୍ର |

'ଆ' ସ୍ୱରବର୍ଣ୍ଣରେ ବି ସେମିତି ଅଶୁଦ୍ଧ ଶବ୍ଦ ଆମେ ବ୍ୟବହାର କରୁ। ଉଦାହରଣ ସ୍ୱରୂପ –

| ଅଶୁଦ୍ଧ | ଶୁଦ୍ଧ |
|---|---|
| ଆଜନ୍ମରୁ | ଆଜନ୍ମ ,ବା ଜନ୍ମରୁ |
| ଆବଶ୍ୟକୀୟ | ଆବଶ୍ୟକ |

| | | |
|---|---|---|
| ଆପଣଙ୍କର ବଶଂବଦ | ଆପଣଙ୍କର ,ବା ବଶଂବଦ | |
| ଆତିଶଯ୍ୟତା | ଆତିଶଯ୍ୟ | |
| ଆରକ୍ତିମ | ଆରକ୍ତ | ଇତ୍ୟାଦି। |

'ଇ' ସ୍ୱରବର୍ଣ୍ଣରେ ସେଭଳି ବିଶେଷ ଯଦିଓ ଦୃଷ୍ଟିଗୋଚର ହୁଏନାହିଁ। ତେବେ ଆମେ ବ୍ୟବହାର ବେଳେ 'ଇତଃସ୍ତତ' କହିଥାଉ,ଯୋଉଁଟା ଭୁଲ ,ଠିକ୍ ହେଉଛି- 'ଇତସ୍ତତଃ', ସେହିପରି 'ଉ' ସ୍ୱରବର୍ଣ୍ଣରେ ଆମେ ଦେଖୁ –

| <u>ଅଶୁଦ୍ଧ</u> | <u>ଶୁଦ୍ଧ</u> |
|---|---|
| ଉଜ୍ଜ୍ୱଳମୟ | ଉଜ୍ଜ୍ୱଳ |
| ଉତ୍କର୍ଷତା | ଉତ୍କର୍ଷ |
| ଉତ୍ସର୍ଗିତ | ଉତ୍ସର୍ଗୀକୃତ |
| ଉଦ୍‌ଗୀରଣ | ଉଦ୍‌ଗିରଣ |
| ଉପଯୋଗୀତା | ଉପଯୋଗିତା |

'ଏ' ସ୍ୱରବର୍ଣ୍ଣକୁ ଆମେ ଯଦି ବିଚାରକୁ ନେବା,ତେବେ ଦେଖିବା –

| <u>ଅଶୁଦ୍ଧ</u> | <u>ଶୁଦ୍ଧ</u> |
|---|---|
| ଏକତ୍ରିତ | ଏକତ୍ର |
| ଏବେ ବି ମଧ୍ୟ | ଏବେ ବି ,ବା ମଧ୍ୟ |

ସେହିପରି 'ଐ' ସ୍ୱରବର୍ଣ୍ଣରେ ଆମେ ଲକ୍ଷ୍ୟ କରୁ –

| <u>ଅଶୁଦ୍ଧ</u> | <u>ଶୁଦ୍ଧ</u> | |
|---|---|---|
| ଐକ୍ୟତା | ଐକ୍ୟ ,ବା ଏକତା | |
| ଐତିହ | ଐତିହ୍ୟ | ଇତ୍ୟାଦି। |

| <u>ଅଶୁଦ୍ଧ</u> | <u>ଶୁଦ୍ଧ</u> | |
|---|---|---|
| ଓଜସ୍ୱୀ ବକୃତା | ଓଜସ୍ୱିନୀ ବକ୍ତୃତା | |
| ଓତଃପ୍ରୋତ | ଓତପ୍ରୋତ | ଇତ୍ୟାଦି। |

ତେବେ ବିଦ୍ୟାର୍ଥୀଗଣ,ମନେରଖ,ଏହି ଅଶୁଦ୍ଧ-ଶୁଦ୍ଧ ବିଚାର କେବଳ ସ୍ୱରବର୍ଣ୍ଣରୁ ଗଠିତ ଶବ୍ଦ ଗୁଡିକରେ ଯେ ଖାଲି ଲକ୍ଷ୍ୟ କରାଯାଏ ତା ନୁହେଁ,ଆମେ ନିତିଦିନ ବ୍ୟବହାର କରୁଥିବା ବହୁ ବ୍ୟଞ୍ଜନ ବର୍ଣ୍ଣ ଗଠିତ ଶବ୍ଦ ଗୁଡିକରେ ମଧ୍ୟ ଏହି ଅଶୁଦ୍ଧ-ଶୁଦ୍ଧ ବିଚାର କରାଯାଇପାରେ। ଆମେ ବାରମ୍ବାର ଗୋଟିଏ ଗୋଟିଏ ଭୁଲ୍ ଶବ୍ଦକୁ ବ୍ୟବହାର କରି ତାକୁ ହୁଏତ ଆମ ପାଇଁ ଠିକ୍ ବୋଲି ଆମେ

ଭାବୁଥାଇ ପାରୁ,ତେବେ ତୁମେ ମାନେ ଯେହେତୁ ବିଦ୍ୟାର୍ଥୀ ତେଣୁ କୋଉଟା ଅଶୁଦ୍ଧ ଶବ୍ଦ, କୋଉଟା ଶୁଦ୍ଧ ଶବ୍ଦ ସେ ବିଷୟରେ ଜାଣିରଖିବା ଉଚିତ।

'କ' ବ୍ୟଞ୍ଜନ ବର୍ଣ୍ଣକୁ ଯଦି ବିଚାରକୁ ନେବା ତେବେ ଦେଖିବା –

| ଅଶୁଦ୍ଧ | ଶୁଦ୍ଧ |
|---|---|
| କରିବାକୁ ନ ଦେବା | କରାଇ ନଦେବା |
| କାଳନ୍ଦି | କାଳନ୍ଦୀ |
| କିଏ କହିପାରିବ ନାହିଁ | କେହି କହିପାରିବ ନାହିଁ |
| କିମ୍ପା | କିପାଁ |
| କିମ୍ଭୂତ କିମ୍ଭାକାର | କିମ୍ଭୂତ କିମାକାର |
| କିଶୋର ଚନ୍ଦ୍ରାନନ ଚମ୍ପୂ | କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ |

'ଖ' ବ୍ୟଞ୍ଜନ ବର୍ଣ୍ଣରେ ଯଦିଓ ସେଭଳି ଆଖିଦୃଶିଆ ଅଶୁଦ୍ଧ ଶବ୍ଦ ବ୍ୟବହାର ଦେଖାଯାଏ ନାହିଁ, ତେବେ 'ଗ' ବ୍ୟଞ୍ଜନ ବର୍ଣ୍ଣରେ କିଛିଟା ଲକ୍ଷ୍ୟ କରାଯାଇପାରେ ,ଯେମିତିକି –

| ଅଶୁଦ୍ଧ | ଶୁଦ୍ଧ | |
|---|---|---|
| ଗୋଲକଚନ୍ଦ୍ର | ଗୋଲୋକଚନ୍ଦ୍ର | |
| ଗବ୍‌ଗବ୍ | ଗଦ୍‌ଗଦ୍ | |
| ଗଳାଦ୍ଧକ୍କା | ଗଳାଧକ୍କା | ଇତ୍ୟାଦି। |

ସେହିପରି 'ଚ' ଓ 'ଜ' ବ୍ୟଞ୍ଜନ ବର୍ଣ୍ଣରେ ଆମେ ଏହି କଥା ଲକ୍ଷ୍ୟ କରୁ,

| 'ଚ' | ଅଶୁଦ୍ଧ | ଶୁଦ୍ଧ | |
|---|---|---|---|
| | ଚଳଚିତ୍ର | ଚଳଚ୍ଚିତ୍ର | |
| | ଚତୁରତାପଣ | ଚତୁରତା ,ବା ଚତୁରତା | |
| | ଚାକଚିକ୍ୟ | ଚାକଚକ୍ୟ | ଇତ୍ୟାଦି। |

| 'ଜ' | ଅଶୁଦ୍ଧ | ଶୁଦ୍ଧ |
|---|---|---|
| | ଜ୍ୟୋତୀନ୍ଦ୍ର | ଜ୍ୟୋତିରିନ୍ଦ୍ର |
| | ଜଗତ୍‌ବନ୍ଧୁ | ଜଗଦ୍‌ବନ୍ଧୁ |

'ଠ' ବ୍ୟଞ୍ଜନ ବର୍ଣ୍ଣରେ ଯଦିଓ ଅନେକ ଅଶୁଦ୍ଧ ଶବ୍ଦର ବ୍ୟବହାର ଆମେ ଦେଖିବାକୁ ପାଉନାହିଁ ତଥାପି କେତୋଟି ଆଖିରେ ପଡେ। ଯେମିତିକି –

| <u>ଅଶୁଦ୍ଧ</u> | <u>ଶୁଦ୍ଧ</u> |
|---|---|
| ଠକିଯିବା | ଠକିହେବା,ବା ଠିକି ଯିବା |
| ଠିକ୍ ଅବ୍ୟବହିତ ପୂର୍ବେ | ଠିକ୍ ପୂର୍ବେ ,ବା ଅବ୍ୟବହିତପୂର୍ବେ |

ସେହିପରି 'ତ' ବ୍ୟଞ୍ଜନ ବର୍ଣ୍ଣରେ ଆମେ ବ୍ୟବହାର କରୁଥିବା ବହୁ ଅଶୁଦ୍ଧ ଶବ୍ଦ ମଧ୍ୟରୁ ଏଠାରେ କେତୋଟି ତୁମ ଜାଣିବା ପାଇଁ ଉଦାହରଣ ଭାବେ ଦିଆଯାଇପାରେ। ଯେମିତିକି –

| <u>ଅଶୁଦ୍ଧ</u> | <u>ଶୁଦ୍ଧ</u> | |
|---|---|---|
| ତଥାପି ସୁଦ୍ଧା | ତଥାପି, ବା ତେବେ ସୁଦ୍ଧା | |
| ତଦ୍ଦ୍ୱାରା | ତଦ୍ଦ୍ୱାରା | |
| ତାତ୍କାଳୀନ | ତତ୍କାଳୀନ,ତାତ୍କାଳିକ | |
| ତୃଟୀ | ତ୍ରୁଟି | |
| ତୀର୍ଯ୍ୟକ୍ | ତିର୍ଯ୍ୟକ୍ | ଇତ୍ୟାଦି। |

ଆମେ ଏଠାରେ 'ଦ' ବ୍ୟଞ୍ଜନ ବର୍ଣ୍ଣର ଟିକେ ବିଚାର କରିପାରିବା, 'ଦ' ବ୍ୟଞ୍ଜନ ବର୍ଣ୍ଣରୁ ଗଠିତ ଶବ୍ଦ ଗୁଡିକ ମଧ୍ୟରୁ ଅଶୁଦ୍ଧ ଶବ୍ଦ କେତୋଟି ଏଠାରେ ଦ୍ରଷ୍ଟବ୍ୟ -

| <u>ଅଶୁଦ୍ଧ</u> | <u>ଶୁଦ୍ଧ</u> | |
|---|---|---|
| ଦାରିଦ୍ର୍ୟତା | ଦାରିଦ୍ର୍ୟ,ବା ଦରିଦ୍ରତା | |
| ଦିଗାମ୍ବର | ଦିଗମ୍ବର | |
| ଦିଲ୍ଲୀପ | ଦିଲୀପ | |
| ଦୁରାବସ୍ଥା | ଦୁରବସ୍ଥା | |
| ଦୁସ୍ଥ | ଦୁଃସ୍ଥ | |
| ଦୁଖ | ଦୁଃଖ | |
| ଦୁନିଆଁ | ଦୁନିଆ | |
| ଦ୍ୱନ୍ଦ | ଦ୍ୱନ୍ଦ୍ୱ | ଇତ୍ୟାଦି। |

'ଧ' ବ୍ୟଞ୍ଜନ ବର୍ଣ୍ଣରେ ଯଦିଓ ଅନେକ ଅଶୁଦ୍ଧ ଶବ୍ଦର ବ୍ୟବହାର ଆଖିରେ ପଡେ ନାହିଁ, ତେବେ ଯେଉଁ କେତୋଟି ପଡେ ତାହା ବେଶ୍ ଆଖିଦୃଶିଆ, ଯେମିତିକି –

| ଅଶୁଦ୍ଧ | ଶୁଦ୍ଧ |
|---|---|
| ଧୂମ୍ରପାନ | ଧୂମପାନ |
| ଧୃବ | ଧ୍ରୁବ |

ତେବେ 'ନ' ବର୍ଣ୍ଣରେ ଆମେ ଏମିତି ଅନେକ ଶବ୍ଦ ଲକ୍ଷ୍ୟ କରୁ ,ଯେମିତିକି –

| ଅଶୁଦ୍ଧ | ଶୁଦ୍ଧ | |
|---|---|---|
| ନଅଣ୍ଠିଆ | ନିଅଣ୍ଠିଆ | |
| ନର୍କ | ନରକ | |
| ନାଁ | ନା | |
| ନାନାଦି | ନାନା | |
| ନିଃସଙ୍ଗୀ | ନିଃସଙ୍ଗ | |
| ନିଃସ୍ୱାର୍ଥପର | ନିଃସ୍ୱାର୍ଥ | |
| ନିରପରାଧୀ | ନିରପରାଧ | |
| ନିରହଙ୍କାରୀ | ନିରହଙ୍କାର | |
| ନିରୁତ୍ସାହିତ | ନିରୁତ୍ସାହ,ଅନୁତ୍ସାହିତ | |
| ନିର୍ଦ୍ଦୋଷୀ | ନିର୍ଦ୍ଦୋଷ | |
| ନିର୍ଦ୍ଧନୀ | ନିର୍ଦ୍ଧନ | |
| ନିର୍ଲୋଭୀ | ନିର୍ଲୋଭ | |
| ନିଷ୍ପ୍ରୟୋଜନୀୟ | ନିଷ୍ପ୍ରୟୋଜନ | ଇତ୍ୟାଦି। |

ସ୍ୱରବର୍ଣ୍ଣ ଓ ବ୍ୟଞ୍ଜନବର୍ଣ୍ଣକୁ ନେଇ ଗଠିତ ଏମିତି ଅନେକ ଶବ୍ଦରେ ଆମେ ଦେଖୁ ଶୁଦ୍ଧ -ଅଶୁଦ୍ଧ ଭେଦ। ଏସବୁ ହୁଏତ ବ୍ୟବହାରିକ ଓଡିଆରେ ଗ୍ରହଣୀୟ ହୋଇସାରିଲାଣି,ତେବେ ଲିଖିତ ଓଡିଆରେ ଏହା ଆଦୌ ଗ୍ରହଣଯୋଗ୍ୟ ନୁହେଁ । ଲିଖିତ ଓଡିଆରେ ବର୍ଣ୍ଣର ଶୁଦ୍ଧ ଲିଖନ,ଶୁଦ୍ଧ ବ୍ୟବହାର ଜରୁରୀ।ବର୍ଣ୍ଣରୁ ଗଠିତ ଶବ୍ଦଗୁଡିକର ମଧ୍ୟ ଶୁଦ୍ଧ ଲିଖନ ଏକାନ୍ତ ଆବଶ୍ୟକ, ଏହା ଖାଲି ଗୋଟିଏ ଶବ୍ଦର

ବନାନ ପାଇଁ ଯେ ଜରୁରୀ ତା ନୁହେଁ ,ଆମର ଭାଷାଜ୍ଞାନ ବଢାଇବାରେ ବି ଏହା ସହାୟକ ହୋଇଥାଏ। ଆମେ ଆମ ଭାଷାର କିଭଳି ଶବ୍ଦ ବ୍ୟବହାର ବା ପ୍ରୟୋଗ କରିପାରିବା ସେଥିପାଇଁ ଶବ୍ଦର ଶୁଦ୍ଧ - ଅଶୁଦ୍ଧ ବିଚାରର ଆବଶ୍ୟକତା ରହିଛି। ବିଦ୍ୟାର୍ଥୀଗଣ, ଏଥର ଆମେ 'ପ' ବ୍ୟଞ୍ଜନ ବର୍ଣ୍ଣ ବିଷୟରେ ଆଲୋଚନା କରିବା-

| ଅଶୁଦ୍ଧ | ଶୁଦ୍ଧ | |
|---|---|---|
| ପରିଣାମଫଳ | ପରିଣାମ | |
| ପରିତ୍ୟଜ୍ୟ | ପରିତ୍ୟାଜ୍ୟ | |
| ପାଷାଣ୍ଡ | ପାଷଣ୍ଡ | |
| ପିଶାଚିନୀ | ପିଶାଚୀ | |
| ପୂଜ୍ୟାସ୍ପଦ | ପୂଜାସ୍ପଦ | |
| ପୌରହିତ୍ୟ | ପୌରୋହିତ୍ୟ | |
| ପ୍ରତିଟି ଘର | ପ୍ରତି ଘର | |
| ପ୍ରତି ଘରେ ଘରେ | ପ୍ରତିଘରେ | |
| ପ୍ରତିଦ୍ୱନ୍ଦୀ | ପ୍ରତିଦ୍ୱନ୍ଦ୍ୱୀ | |
| ପ୍ରାୟଶ୍ଚିତ | ପ୍ରାୟଶ୍ଚିତ୍ତ | ଇତ୍ୟାଦି। |

ସେହିପରି ଆମେ 'ବ' ବ୍ୟଞ୍ଜନ ବର୍ଣ୍ଣକୁ ଦେଖିଲେ ଦେଖିବା –

| ଅଶୁଦ୍ଧ | ଶୁଦ୍ଧ |
|---|---|
| ବୟାକରଣିକ | ବୈୟାକରଣିକ |
| ବାହାନ | ବାହନ |
| ବାହ୍ୟିକ | ବାହ୍ୟ |
| ବିଷର୍ଣ୍ଣ | ବିଷଣ୍ଣ |
| ବାସ୍ତବିକ୍ | ବାସ୍ତବିକ |
| ବଳକ୍ୱାର | ବଳାତ୍କାର |

| | |
|---|---|
| ବୈଷମ୍ୟତା | ବୈଷମ୍ୟ ,ବା ବିଷମତା |

'ମ' ବ୍ୟଞ୍ଜନ ବର୍ଣ୍ଣକୁ ନେଇ ଗଠିତ କେତେକ ଶବ୍ଦ ମଧ୍ଧ ଆମେ ଏଠାରେ ଅଶୁଦ୍ଧଯଦ -ଶୁଦ୍ଧ ପାଇଁ ଆଲୋଚନା କରିପାରିବା,ଯେମିତିକି –

| **ଅଶୁଦ୍ଧ** | **ଶୁଦ୍ଧ** |
|---|---|
| ମଧ୍ୟରାତ୍ରି | ମଧ୍ୟରାତ୍ର |
| ମନକାମନା | ମନସ୍କାମନା |
| ମନବାଞ୍ଛା | ମନୋବାଞ୍ଛା |
| ମନମାଳିନ୍ୟ | ମନୋମାଳିନ୍ୟ |
| ମନ୍ତ୍ରୀମଣ୍ଡଳ | ମନ୍ତ୍ରିମଣ୍ଡଳ |
| ମାମୁଁ | ମାମୁ |
| ମୁନିଆଁ | ମୁନିଆ |

ବିଦ୍ୟାର୍ଥୀଗଣ ଆମେ ଯଦି 'ଯ'ବ୍ୟଞ୍ଜନ ବର୍ଣ୍ଣରେ ବ୍ୟବହାର ହେଉଥିବା ଅଶୁଦ୍ଧ ଶବ୍ଦର ବିଚାର କରିବା,ତେବେ ଲକ୍ଷ୍ୟ କରିବା –

| **ଅଶୁଦ୍ଧ** | **ଶୁଦ୍ଧ** |
|---|---|
| ଯଦ୍ୟପି ମଧ୍ଧ | ଯଦ୍ୟପି |
| ଯଜ୍ଞେଶ୍ୱର | ଯଜ୍ଞେଶ୍ୱର |
| ଯାତାୟତ | ଯାତାୟାତ |
| ଯାନବାହାନ | ଯାନବାହନ |
| ଯାବତୀୟ ବିଷୟ ସକଳ | ଯାବତୀୟ ବିଷୟ |

ସେହିପରି 'ର' ବ୍ୟଞ୍ଜନ ବର୍ଣ୍ଣରେ ବ୍ୟବହାର ହେଉଥିବା କେତୋଟି ଉଲ୍ଲେଖନୀୟ ଅଶୁଦ୍ଧ ଶବ୍ଦ -

| **ଅଶୁଦ୍ଧ** | **ଶୁଦ୍ଧ** |
|---|---|
| ରଜସ୍ୱାଳା | ରଜସ୍ୱଳା |
| ରୁଦ୍ରାୟଣୀ | ରୁଦ୍ରାଣୀ |

| | | |
|---|---|---|
| ରକ୍ତିମତା | ରକ୍ତିମା | |
| ରଜକିନୀ | ରଜକୀ | ଇତ୍ୟାଦି। |

'ଲ' ବ୍ୟଞ୍ଜନ ବର୍ଣ୍ଣରେ ଅବଶ୍ୟ ଅନେକ ଅଶୁଦ୍ଧ ଶବ୍ଦର ବ୍ୟବହାର ନାହିଁ। ତେବେ ଯେଉଁ କେତୋଟି ଆଖିରେ ପଡେ, ତାହା ଏଠାରେ ବିଚାର ଯୋଗ୍ୟ-

| ଅଶୁଦ୍ଧ | ଶୁଦ୍ଧ | |
|---|---|---|
| ଲକ୍ଷ୍ମୀମନ୍ତ | ଲକ୍ଷ୍ମୀବନ୍ତ | |
| ଲଜ୍ଜ୍ୟା | ଲଜ୍ଜା | |
| ଲିଖନୀୟ | ଲେଖନୀୟ | |
| ଲେଖାଁଏ | ଲେଖାଏଁ | |
| ଲାଘବତା | ଲଘୁତା,ବା ଲାଘବ | ଇତ୍ୟାଦି। |

ଓଡିଆ ବର୍ଣ୍ଣମାଳାରେ ଥିବା 'ଶ','ଷ' ଓ 'ସ' ବ୍ୟଞ୍ଜନତ୍ରୟୀ ମଧ୍ୟରୁ ଆମେ 'ଶ' ଓ 'ସ' ବର୍ଣ୍ଣକୁ ନେଇ ଗଠିତ କେତେକ ଅଶୁଦ୍ଧ ଶବ୍ଦର ଏଠାରେ ଆଲୋଚନା କରିବା । କାରଣ 'ଷ' ବ୍ୟଞ୍ଜନ ବର୍ଣ୍ଣରେ ଅଶୁଦ୍ଧ ଶୁଦ୍ଧ ଭେଦାଭେଦ ନେଇ ବିଶେଷ ଆଖିଦୃଶିଆ ଶବ୍ଦ ବା ଶବ୍ଦାବଳୀ ଦେଖାଯାଏ ନାହିଁ। ତେଣୁ ବିଦ୍ୟାର୍ଥୀଗଣ ଆସ ଏବେ ଦେଖିବା

'ଶ' ବ୍ୟଞ୍ଜନ ବର୍ଣ୍ଣ-

| ଅଶୁଦ୍ଧ | ଶୁଦ୍ଧ |
|---|---|
| ଶଶୀଭୂଷଣ | ଶଶିଭୂଷଣ |
| ଶୀକାର | ଶିକାର |
| ଶୃତଲିଖନ | ଶ୍ରୁତଲିଖନ |
| ଶେଷପରିଣତି | ପରିଣତି |
| ଶେଷ ପରିଣାମ | ପରିଣାମ |
| ଶ୍ୱସ୍ତି | ସ୍ୱସ୍ତି |

ସେହିପରି 'ସ' ବ୍ୟଞ୍ଜନ ବର୍ଣ୍ଣରେ ଆମେ ଦେଖିପାରିବା –

| ଅଶୁଦ୍ଧ | ଶୁଦ୍ଧ |
|---|---|
| ସକ୍ଷମ | କ୍ଷମ |

| | | |
|---|---|---|
| ସଞ୍ଜତ | ସଂଯତ | |
| ସତ୍ତ୍ୱେ ବି | ସତ୍ତ୍ୱେ | |
| ସତ୍ୱ | ସ୍ୱତ୍ୱ | |
| ସବାନ୍ଧବେ | ସବାନ୍ଧବ | |
| ସବିନୟପୂର୍ବକ | ସବିନୟ | |
| ସମାସ୍କନ୍ଧ | ସମସ୍କନ୍ଧ | |
| ସମାସ୍ୟା | ସମସ୍ୟା | |
| ସୁକେଶିନୀ | ସୁକେଶୀ | |
| ସାକ୍ଷୀଗୋପାଳ | ସାକ୍ଷିଗୋପାଳ | |
| ସ୍ୱର୍ଗତଃ | ସ୍ୱର୍ଗତ | |
| ସ୍ୱଭାବିକ | ସ୍ୱାଭାବିକ | ଇତ୍ୟାଦି। |

'ହ' ବ୍ୟଞ୍ଜନ ବର୍ଣ୍ଣରେ କେତୋଟି ଉଲ୍ଲେଖନୀୟ ଅଶୁଦ୍ଧ ବ୍ୟବହାର କଥା ଏବେ ଦେଖିବା –

| <u>ଅଶୁଦ୍ଧ</u> | <u>ଶୁଦ୍ଧ</u> |
|---|---|
| ହା -ହତାଶ | ହା-ହୁତାଶ |
| ହୁଏତ | ହେବତ ,ବୋଧହୁଏ |

ସେହିପରି 'କ୍ଷ' ବ୍ୟଞ୍ଜନ ବର୍ଣ୍ଣରେ ଆମେ ଦେଖୁ କ୍ଷୁର୍ଣ୍ଣ'। ଏହାକୁ ଆମେ ବ୍ୟବହାର କରୁ। ତେବେ ଏହା ଅଶୁଦ୍ଧଶବ୍ଦ ,ଏହା ଭୁଲ୍ ଶବ୍ଦ। ଠିକ୍ ଶବ୍ଦଟି ହେଲା 'କ୍ଷୁଣ୍ଣ'। ବିଦ୍ୟାର୍ଥୀଗଣ ,ଆମେ 'ଅ' ଠାରୁ 'କ୍ଷ' ପର୍ଯ୍ୟନ୍ତ ଓଡିଆ ବର୍ଣ୍ଣମାଳାକୁ ନେଇ ଗଠିତ ଶବ୍ଦ ଗୁଡିକର ଅଶୁଦ୍ଧ -ଶୁଦ୍ଧ ଭେଦା ଭେଦ ବିଚାର କରି କେଉଁଟା ଭୁଲ୍ ,କେଉଁଟା ଠିକ୍ ସେ ବିଷୟରେ ଆଲୋକପାତ କଲେ। ଏହା ଖାଲି ଆମ ଭାଷା ବିଜ୍ଞାନ ବଢାଇବାରେ ସହାୟକ ହେବନାହିଁ ଆମର ଲିଖିତ ଓ କଥିତ ଓଡିଆ ବ୍ୟବହାର ବା ପ୍ରୟୋଗରେ ସାହାଯ୍ୟ ମଧ୍ଯ କରିପାରିବ।

ତୁମ ପାଇଁ କାମ –

(କ) ରେଖାଙ୍କିତ ସ୍ୱରବର୍ଣ୍ଣ ଗଠିତ ଅଶୁଦ୍ଧ ଶବ୍ଦ ଗୁଡିକର ଶୁଦ୍ଧ ରୂପ ଲେଖ।

ଅକ୍ଷୁର୍ଣ୍ଣ, ଅନାଟନ, ଉକ୍ର୍ଷତା, ଉଜ୍ଜ୍ୱଳମୟ, ଐ୍ୟତିହ, ଓତଃପ୍ରୋତ।

ଖ) ତଳେ ଦିଆଯାଇଥିବା ବ୍ୟଞ୍ଜନ ବର୍ଣ୍ଣ ଗଠିତ ଶବ୍ଦ ଗୁଡିକର ଶୁଦ୍ଧ ରୂପ ଲେଖ।

କାଳନ୍ଦୀ, ଗୋଲକ ଚନ୍ଦ୍ର, ଚଳଚିତ୍ର, ତୃଟୀ,ଦାରିଦ୍ରତା ,ଦିଲ୍ଲୀପ, ଦିଗାମ୍ବର, ଧୂମ୍ରପାନ, ନଅଣ୍ଟିଆ , ନିର୍ଦ୍ଦନୀ,ପୂଜ୍ୟାସ୍ବଦ, ପୌରହିତ୍ୟ, ବାହାନ, ବିଷର୍ଣ୍ଣ, ମାମୁଁ, ମନ୍ତ୍ରୀମଣ୍ଡଳ, ଯାତାୟତ, ଲକ୍ଷ୍ମୀମନ୍ତ, ଶୀକାର, ସମାସ୍ୟା।

ବିଦ୍ୟାର୍ଥୀଗଣ,ତୁମେ ମାନେତ ଜାଣିଲ ଯେଉଁ ବର୍ଣ୍ଣ ଅନ୍ୟର ସାହାଯ୍ୟ ନନେଇ ଉଚ୍ଚାରିତ ହୁଏ ତାହାକୁ ସ୍ୱର ବର୍ଣ୍ଣ ବା (Vowel) କୁହାଯାଏ। ତେବେ ତୁମପାଇଁ କାମ ହେଉଛି ଓଡିଆ ଭାଷାର ସ୍ୱରବର୍ଣ୍ଣ ଗୁଡିକ ତଳେ ଲେଖି ସେହି ସବୁ ସ୍ୱରବର୍ଣ୍ଣରେ ଗୋଟିଏ ଲେଖାଏଁ ଶବ୍ଦ ଗଠନ କର।

ବିଦ୍ୟାର୍ଥୀଗଣ ଆମେ ପଢିଲେ ଯେଉଁ ବର୍ଣ୍ଣ ସ୍ୱରବର୍ଣ୍ଣର ସାହାଯ୍ୟ ନେଇ ଉଚ୍ଚାରିତ ହୁଅନ୍ତି ସେଗୁଡିକୁ ବ୍ୟଞ୍ଜନବର୍ଣ୍ଣ ବା (Consonant) କୁହାଯାଏ। ତୁମପାଇଁ ଏବେ କାମ ହେଉଛି,ଓଡିଆ ବର୍ଣ୍ଣମାଳାରେ ଥିବା ବ୍ୟଞ୍ଜନ ବର୍ଣ୍ଣ ଗୁଡିକ ମଧ୍ୟରୁ ଦଶଟି ବ୍ୟଞ୍ଜନ ବର୍ଣ୍ଣ ତଳେ ଲେଖି ପ୍ରତ୍ୟେକ ବର୍ଣ୍ଣରୁ ଗୋଟିଏ ଶବ୍ଦ ଗଠନ କର।

ବର୍ଣ୍ଣ ମାନଙ୍କର ବିଭାଗୀକରଣକୁ ସଜାଇ ଦିଅ।

କଣ୍ଠ୍ୟବର୍ଣ୍ଣ

ତାଲବ୍ୟ ବର୍ଣ୍ଣ

ମୂର୍ଦ୍ଧନ୍ୟ ବର୍ଣ୍ଣ

ଦନ୍ତ୍ୟ ବର୍ଣ୍ଣ

ଓଷ୍ଠ୍ୟ ବର୍ଣ୍ଣ

ଆମେମାନେ ପଢିଲେ,ବ୍ୟଞ୍ଜନ ବର୍ଣ୍ଣ ସହିତ ବ୍ୟଞ୍ଜନ ବର୍ଣ୍ଣ ଯୋଗହେଲେ ତାହାକୁ ଯୁକ୍ତ ବ୍ୟଞ୍ଜନ କୁହାଯାଏ। ପ୍ରତ୍ୟେକ ବର୍ଗର ପଂଚମ ବର୍ଣ୍ଣ ସହିତ ସେହି ବର୍ଗର ଅନ୍ୟ ବର୍ଣ୍ଣ ମାନଙ୍କର ସଂଯୋଗରେ ଗଠନ ହେଉଥିବା ଯୁକ୍ତ ବର୍ଣ୍ଣକୁ ଆମେ ଅନୁନାସିକ ଯୁକ୍ତ

ବର୍ଣ୍ଣ କହୁ । ଙ,ଞ,ଣ,ନ,ମ – ଏହି ପାଂଚଟି ବର୍ଣ୍ଣ ହିଁ ପ୍ରତ୍ୟେକ ବର୍ଗର ଯଥାକ୍ରମେ ପଂଚମ ବର୍ଣ୍ଣ । ଏହାକୁ ନେଇ କୋଡିଏଟି ଅନୁନାସିକ ଯୁକ୍ତବର୍ଣ୍ଣ ହୋଇଥାଏ । ଯେମିତିକି କ ବର୍ଗରେ ଙ୍କ ,ଙ୍ଖ,ଙ୍ଗ, ଙ୍ଘ(ପଙ୍କ,ଶଙ୍ଖା,ଲବଙ୍ଗ),ଚ ବର୍ଗରେ ଂଚ,ଂଛ, ଞ୍ଜ, -ଞ୍ଝ (ବିଂଚଣା,ମନବାଂଛା,ପିଞ୍ଜରା,ପଞ୍ଝା) ଟ ବର୍ଗରେ  ଣ୍ଟ,ଣ୍ଡ, ଣ୍ଢ (ଥଣ୍ଟ, ଲଣ୍ଠଣ, ଅଣ୍ଡା, ଶୁଣ୍ଢ) ତ ବର୍ଗରେ ନ୍ତ, ନ୍ଥ, ନ୍ଦ, ନ୍ଧ ( ଦାନ୍ତ, କାନ୍ଥ, ଜନ୍ଦା, କାନ୍ଧ) ଓ ପ ବର୍ଗରେ ମ୍ପ, ମ୍ଫ, ମ୍ବ, ମ୍ଭ (ତମ୍ପ, ଲମ୍ଫ, ଆମ୍ବ, ଶୁମ୍ଭ) ଇତ୍ୟାଦି ।

ତେବେ ଏବେ ତଳେ ଥିବା ରେଖାରେ ସଜାଇ ଲେଖ ।

'କ' ବର୍ଗ

---

'ଚ' ବର୍ଗ

---

'ଟ' ବର୍ଗ

---

'ତ' ବର୍ଗ

---

'ପ' ବର୍ଗ

---

ଅନୁନାସିକ ବର୍ଣ୍ଣ

---

ଓଡିଆ ବର୍ଣ୍ଣର ଉଚ୍ଚାରଣ ସାଧାରଣତଃ ଆଠ ପ୍ରକାରର । ଯେମିତିକି- କଣ୍ଠ - ଅ, ଆ, ହ ମୂର୍ଦ୍ଧା- ଉ, .ଟ,ଠ,ଡ,ଢ,.ର,ଷ,ଜିହ୍ୱା-କ,ଖ,ଗ,ଘ,ଙ,ଦନ୍ତ-ତ,ଥ,ଦ,ଧ,ନ,ଲ,ଓ,ଜ,ନାସିକା-ଙ,ଞ,ଣ,ନ,ମ,  ତାଲୁ –ଇ,ଈ,ଚ,ଛ,ଝ,ଯ,କଣ୍ଠ ତାଲବ୍ୟ – ଏ,ଐ ,କଣ୍ଠୌଷ୍ଠ୍ୟ –ଓ,ଔ । ତେବେ ବ୍ୟବହାର ଅନୁଯାୟୀ ଆମେ,ଓଡିଆ ବ୍ୟଞ୍ଜନ ବର୍ଣ୍ଣମାଳାକୁ କଣ୍ଠ୍ୟ,ବର୍ଣ୍ଣ କ୍ରମରେ ବିଭକ୍ତ କରିଥାଉ,ଯେମିତିକି –କଣ୍ଠ୍ୟ ବର୍ଣ୍ଣ ଓ କ୍,ଖ୍,ଗ୍,ଘ୍,ଙ୍, ତାଲବ୍ୟ ବର୍ଣ୍ଣରେ ଚ୍,ଛ୍, ଜ୍,ଝ୍,ଞ ମୂର୍ଦ୍ଧନ୍ୟ ବର୍ଣ୍ଣରେ ଝ୍,ଠ୍, ଡ୍,ଢ,ଣ୍,ଦନ୍ତ୍ୟ ବର୍ଣ୍ଣରେ ତ୍,ଥ୍,ଦ୍,ଧ୍,ନ୍ ଏବଂ ଓଷ୍ଠ୍ୟ ବର୍ଣ୍ଣରେ ପ୍,ଫ୍,ବ୍,ଭ୍ଏବଂ ମ୍ କୁ ଆମେ ରଖିଥାଉ । ଏବେ ତୁମ ପାଇଁ କାମ ହେଉଛି ତଳେ ଥିବା ରେଖାରେ ବିଦ୍ୟାର୍ଥୀମାନେ, ଓଡିଆ ବର୍ଣ୍ଣମାଳା ବିଷୟରେ ଆମେ ଜାଣିଲେ,ଆମେ ଜାଣିଲେ ଯେ,ଓଡିଆ ଭାଷାର ସ୍ୱରବର୍ଣ୍ଣ ଗୁଡିକ ମଧ୍ୟରୁ ଅ,ଇ,ଉ,ଟା ଏହି ଚାରଟି ହ୍ରସ୍ୱ ସ୍ୱର ବର୍ଣ୍ଣ । ସେହିପରି ଆ,ଈ,ଊ,ର ଏହି ଚାରଟି ଦୀର୍ଘ ସ୍ୱର ବର୍ଣ୍ଣ । ଅପରପକ୍ଷରେ ଏ,ଐ,ଓ,ଔ କୁ ଆମେ ମିଶ୍ରିତ ଦୀର୍ଘ ସ୍ୱର ବର୍ଣ୍ଣ କହିପାରିବା । ଏବେ ସଜାଇଲେଖ ।

ହ୍ରସ୍ୱ ସ୍ୱରବର୍ଣ୍ଣ

---

ଦୀର୍ଘ ସ୍ୱରବର୍ଣ୍ଣ

ମିଶ୍ରିତ ସ୍ୱରବର୍ଣ୍ଣ

ଆମେ ଆଉ କେତୋଟି କଥା ମଧ୍ୟ ଜାଣିଲେ,ଆମ ଓଡିଆ ଭାଷାରେ ସମୁଦାୟ ଅଣଚାଶଟି ବର୍ଣ୍ଣ ରହିଛି । 'କ' ଠାରୁ 'ମ' ପର୍ଯ୍ୟନ୍ତ ପଚିଶଟି ବର୍ଣ୍ଣକୁ ଆମେ ବର୍ଗ୍ୟ ବର୍ଣ୍ଣ କହିଥାଉ । ପ୍ରତିଟି ବର୍ଗ ପାଂଚଟି ବର୍ଣ୍ଣର । ଯେମିତିକି – 'କ' ବର୍ଗରେ କ,ଖ,ଗ,ଘ,ଙ, 'ଚ' ବର୍ଗରେ ଚ,ଛ,ଜ,ଝ,ଞ, 'ଟ' ବର୍ଗରେ ଟ,ଠ,ଡ,ଢ,ଣ । 'ତ' ବର୍ଗରେ ତ,ଥ,ଦ,ଧ,ନ ଏବଂ 'ପ' ବର୍ଗରେ ପ,ଫ,ବ,ଭ,ମ କୁ ଆମେ ସଜାଇରଖୁ । ଆମ ସୁବିଧା ପାଇଁ ଏହି ପାଂଚଟି ବର୍ଗକୁ ଆମେ ସଂକ୍ଷେପରେ 'କଚଟତପ' କହିଥାଉ । ଓଡିଆ ଭାଷାରେ ଙ,ଞ,ଣ,ନ,ମ ଉଚ୍ଚାରଣରେ ନାକର ସହାୟତା ନିଆଯାଉଥିବାରୁ ଏହି ପାଂଚଟି ବର୍ଣ୍ଣ ଅନୁନାସିକ ବର୍ଣ୍ଣ ଭାବେ ପରିଚିତ,ଇଂରାଜୀରେ ଏହାକୁ ଆମେ Nasal sounds ବା Nasals ବୋଲି ସାଧାରଣତଃ କହିଥାଉ ।

ଏବେ ତୁମେମାନେ କୋଡିଏଟି ଅନୁନାସିକ ଯୁକ୍ତ ବର୍ଣ୍ଣ ସଜାଇଦିଅ –

'କ' ବର୍ଗ

'ଚ' ବର୍ଗ

'ଟ' ବର୍ଗ

'ତ' ବର୍ଗ

'ପ' ବର୍ଗ

ଏହି କୋଡିଏ ଟି ଅନୁନାସିକ ଯୁକ୍ତ ବର୍ଣ୍ଣରେ ଗଠିତ ଶବ୍ଦ ଗୁଡିକ ସଜାଇ ଲେଖ ।

## ଷଷ୍ଠ ଏକକ: ଓଡିଆ ବର୍ଣ୍ଣ ବ୍ୟବହାର

ଆମେ ମାନେ ପଢିଲେ ଯେ, ବାକ୍ୟରେ ଯେଉଁ ପଦରୁ କୌଣସି କାର୍ଯ୍ୟର ସୂଚନା ମିଳେ ତାହାକୁ କ୍ରିୟାପଦ କୁହାଯାଏ । ପଢିବା, ଲେଖିବା, ହସିବା, କାନ୍ଦିବା, ବସିବା, ଉଠିବା, ଖେଳିବା, ବୁଲିବା, ଶୋଇବା, ନାଚିବା ଇତ୍ୟାଦି । ତେବେ କ୍ରିୟାର ସମୟ ସୂଚକ ରୂପକୁ କାଳ କୁହାଯାଏ । ଏହି କାଳ ମୁଖ୍ୟତଃ ତିନି ପ୍ରାକାରର – ବର୍ତ୍ତମାନ କାଳ,ଅତୀତ ଓ ଭବିଷ୍ୟତ କାଳ,ଇଂରାଜୀରେ ଏହାକୁ Tense କୁହାଯାଏ ।

କାଳ

| ବର୍ତ୍ତମାନ କାଳ | ଅତୀତ କାଳ | ଭବିଷ୍ୟତ କାଳ |
|---|---|---|
| (Present Tense) | (Past Tense) | (Future Tense) |

ଆମେ ବର୍ତ୍ତମାନ କାଳ (Present Tense) ର ଉଦାହରଣ ଆଗରୁ ଦେଖିଥିଲେ । ଏବେ ଆଉ କେତୋଟି ଉଦାହରଣ ଲକ୍ଷ୍ୟ କରିବା–

କ) ଆଦ୍ୟା ପାଠ ପଢୁଛି ।

ଖ) ପ୍ରାପ୍ତି ଗୀତ ଗାଉଛି ।

ଗ) ମୁଁ ଚିଠି ଲେଖୁଛି ।

ଘ) ଡେଜି ପରିବା କାଟୁଛି ।

ଙ) ଆମେ ଭୋଗ ଖାଉଛୁ ।

ଏହି ବର୍ତ୍ତମାନ କାଳ ବିଷୟରେ ତୁମେ ମାନେ ଜାଣିଲ । ଏବେ ତୁମେ ପାଇଁ କାମ, ବର୍ତ୍ତମାନ କାଳର ଆଉ ପାଂଚଟି ବାକ୍ୟ ଲେଖ ।

ଅତୀତ କାଳ (Past Tense) ର ଉଦାହରଣ,ତୁମେମାନେ ଆଗରୁ ଜାଣିଥିଲ । ତେବେ ଆଉ କେତୋଟି ଉଦାହରଣ ଲକ୍ଷ୍ୟକର -

କ) ପ୍ରଫୁଲ୍ଲ ପୁରୀ ଯାଇଥିଲେ ।

ଖ) ଲୀନା ଗତବର୍ଷ ପରୀକ୍ଷା ଦେଇଥିଲେ ।

ଗ) ଆମେ କାଲି ସିନେମା ଯାଇଥିଲୁ ।

ଘ) ପୂଜା ଗତମାସରେ ବିଦେଶ ଯାଇଥିଲା ।

ଙ) ମୁଁ ସାହିତ୍ୟ ସଭାରୁ ଫେରିଲି ।

ଅତୀତ କାଳ ବିଷୟରେ ତୁମମାନଙ୍କର ଧାରଣା ଆଉ ଟିକେ ସ୍ପଷ୍ଟ ହୋଇ ଯାଇଥିବ । ଯେଉଁ କ୍ରିୟାରୁ କାମଟି ସରିଯାଇଥିବାର ସୂଚନା ମଳେ ସେହି କ୍ରିୟା ଅତୀତକାଳ କ୍ରିୟା । ଏବେ ତୁମେ ମାନେ ଆଉ ପାଂଚଟି ଉଦାହରଣ ଲେଖ ।

ଭବିଷ୍ୟତ କାଳ (Future Tense) ବିଷୟରେ ତୁମେ ମାନେ ଆଗରୁ ଜାଣିଥିଲ । ଯେଉଁ କ୍ରିୟାରୁ କାମଟି ଆଗକୁ ବା ଭବିଷ୍ୟତରେ ହେବାର ସୂଚନା ମିଳେ, ତାହା ଭବିଷ୍ୟତ କାଳ କ୍ରିୟା । ଏବେ ଆଉ କେତୋଟି ଉଦାହରଣ  ଲକ୍ଷ୍ୟକର –

କ) ବିନୋଦ କାଲି ବାଲେଶ୍ୱର ଯିବ ।

ଖ) ଆର ମାସରେ ପଂଚାୟତ ନିର୍ବାଚନ ହେବ ।

ଗ)ସେ ବେଙ୍ଗାଲୁରୁରେ ଚାକିରି କରିବ ।

ଘ) ଆଶିଷ ଆସନ୍ତା ସପ୍ତାହରେ ଦିଲ୍ଲୀ ଯିବ ।

ଙ) ମୁକ୍ତ ବିଶ୍ୱବିଦ୍ୟାଳୟରେ ଆମେ ପଢିବୁ ।

ଏସବୁ ଉଦାହରଣ ଦେଖିଲା ପରେ ତୁମେ ମାନେ ଭବିଷ୍ୟତ କାଳ ବିଷୟରେ ଭଲ ଧାରଣା କରିସାରିବଣି । ଏବେ ତୁମେ ମାନେ ନିଜେ ପାଂଚଟି ଉଦାହରଣ ଦେଇ ଭବିଷ୍ୟତ କାଳ କଣ ବୁଝାଇ ଦିଅ ।

ବିଦ୍ୟାର୍ଥୀଗଣ,ଆମେ ମାନେ ଦେଖିଲେ କ୍ରିୟାର କାଳ ତିନି ପ୍ରକାରର । ବର୍ତ୍ତମାନ, ଅତୀତ କାଳ ଓ ଭବିଷ୍ୟତ କାଳ । ବର୍ତ୍ତମାନ କାଳ (Present Tense) ଯାହା ଏବେ ବା ବର୍ତ୍ତମାନ ହେଉଥିବାର ସୂଚନା ଦିଏ, ଅତୀତ କାଳ (Past Tense) ଯାହା କାମ ସରିଯାଇଥିବାର ସୂଚନା ଦିଏ ଏବଂ ଭବିଷ୍ୟତ କାଳ (Future Tense) କାମଟି ଆଗକୁ ବା ଭବିଷ୍ୟତରେ ହବାର ସୂଚନା ଦିଏ ।

ବିଦ୍ୟାର୍ଥୀଗଣ ,ତୁମେମାନେ ସ୍ୱରବର୍ଣ୍ଣ (Vowel) ବିଷୟରେ ଜାଣିଲ, ଏବେ ଆସ ଦେଖିବା ,ସ୍ୱରବର୍ଣ୍ଣକୁ ଆଦ୍ୟରେ ରଖି ଗଠିତ ହୋଇଥିବା କେତୋଟି ଓଡିଆ ଶବ୍ଦ ଓ ତାର ବ୍ୟବହାର । ପ୍ରଥମେ ଆସ ଦେଖିବା 'ଅ' ସ୍ୱରବର୍ଣ୍ଣ –

ଅଇ – ବସ୍ ରେ ଗାଁକୁ ଯିବା ବାଟରେ ତା'କୁ ଅଇ ଲାଗିଲା ।

ଅଇନା - ଅଇନା କେବେ ମିଛ କହେନା, କୁହାଯାଏ ।

ଅକଲ- ଏ ଘଟଣା ଦେଖି ତା' ଅକଲ ଗୁଡୁମ୍ ।

ଅକ୍ଷତ – ସୈନ୍ୟମାନଙ୍କୁ ଅକ୍ଷତ ଅବସ୍ଥାରେ ଉଦ୍ଧାର କରାଗଲା ।

ଅଖ – କୁହାଯାଏ ସଂସାର ଚକରେ ସମୟ ଅଖ ।

ଅଗ – ତା କଥାରେ ଅଗ ନାହିଁ କି ବାଗ ନାହିଁ ।

ଅଟକ – ଘଟଣାରେ ସଂପୃକ୍ତି ପାଇଁ ପୁଲିସ ତାଙ୍କୁ ଅଟକ ରଖିଛି ।

ଅଚଳ – ବସ୍ ଦୁର୍ଘଟଣା ପାଇଁ ,ବିଧାନ ସଭାକୁ ଅଚଳ କରିଦିଆଗଲା ।

ଅତଏବ - ଅତଏବ ,ପାଣ୍ଡବମାନେ ହିଁ ଶ୍ରେଷ୍ଠ ଥିଲେ ।

ଏବେ ତୁମେ ମାନେ 'ଅ' ସ୍ୱରବର୍ଣ୍ଣକୁ ଆଦ୍ୟରେ ରଖି ଆଉ କେତୋଟି ଶବ୍ଦ ସଂଗ୍ରହ କରି ବାକ୍ୟରେ ବ୍ୟବହାର କର-

ଆମେ  ଏବେ ଆସ 'ଆ' ସ୍ୱର ବର୍ଣ୍ଣ ବିଷୟ ଆଲୋଚନା କରିବା। ଏହା ଆଦ୍ୟରେ ରହି ଅନେକ ଶବ୍ଦ ଗଠିତ ହୋଇଛି। ଯେମିତି-

ଆଇ - ଆଇ ମା କାହାଣୀ ଏବେ ଶୁଣିବାକୁ ମିଳୁନି।

ଆଉ -ଆଉ କିଛି ଥାଉ ନଥାଉ ତାର ପୋଷାକ ସଫାସୁତୁରା।

ଆକଟ – ଏଭଳି କାମ କରିବାକୁ ବଡଭାଇ ଆକଟ କଲେ।

ଆକାଶ - ଆକାଶ ର ଦୃଶ୍ୟ ଶରତ ଋତୁରେ ବେଶ୍ ସୁନ୍ଦର।

ଆଖି - ଆଖିର ଯତ୍ନନେବା ଆବଶ୍ୟକ।

ଆଗ –ଗଣେଶ ପୂଜାରେ ରାଜୁ ଆଗ ଭୋଗ ଖାଇଲା।

ଆଖୁ – ଆଖୁରୁ ଚିନି ତିଆରି ହୁଏ।

ଆଚାର -ନିଜର ଆଚାର ବ୍ୟବହାର ଭଲ ରଖିବା ଉଚିତ୍।

ଆଟୁ – ଏବେ ଆଉ ଗାଁରେ ଆଟୁ ଘର ନାହିଁ।

ଆଦି –ଶୁଦ୍ରମୁନି ସାରଳା ଦାସଙ୍କୁ ଓଡିଆ ଭାଷାର ଆଦି କବି କୁହାଯାଏ।

ଏମିତି ଅନେକ ଶବ୍ଦର ବ୍ୟବହାର ଆମେ ଦେଖୁ , ତୁମେ ମାନେ ଏମିତି 'ଆ' ଆଗରେ ଥିବା କେତୋଟି ଶବ୍ଦ ସଂଗ୍ରହ କରି କେତୋଟି ବାକ୍ୟରେ ବ୍ୟବହାର କର।

‘ଇ’ ସ୍ୱର ବର୍ଣ୍ଣ ଆଗରେ ଥିବା ବହୁ ଓଡିଆ ଶବ୍ଦ ଆମେ ପ୍ରତିଦିନ ବ୍ୟବହାର କରୁ । ଯେମିତିକି –

ଇତି –ଘଟଣାଟି ଏତିକିରେ ଇତି ହେଲା ।

ଇଭ – ହାତୀର ଅନ୍ୟନାମ ଇଭ ।

ଇହ – ସେ ଆଉ ଇହ ଜଗତରେ ନାହାନ୍ତି ।

ଇରା – ଝିଅଟିର ନାଁ ଇରା ।

ଇସାରା - ନନ୍ଦନ କାନନରେ ମାଙ୍କଡଟି ଇସାରା ଦେଲା ।

ଇନ୍ଦିରା – ଇନ୍ଦିରା ଗାନ୍ଧି ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ।

ଇନ୍ଧନ - ବନ୍ଧୁତା ଭାଙ୍ଗିବାରେ ସେ ଇନ୍ଧନ ଯୋଗାଉଛି ।

ଇନାମ ( ପୁରସ୍କାର ) – ମୁଖ୍ୟ ଅତିଥି ତାକୁ ଇନାମ ଦେଲେ ।

ଇମାନ (ବିବେକ) - ମଣିଷର ଇମାନ ସବୁଠୁ ଶ୍ରେଷ୍ଠ ।

ଇଲମ ( ବୁଦ୍ଧି) - ତୋର କ’ଣ ଟିକିଏ ବି ଇଲମ ନାହିଁ ?

ତୁମେ ମାନେତ ‘ଇ’ ସ୍ୱରବର୍ଣ୍ଣ ଆଗରେ ଥିବା ଓଡିଆ ଶବ୍ଦ ଓ ସେସବୁ ବ୍ୟବହାର ବିଷୟରେ ଜାଣିଲ, ଏବେ ତୁମେ ‘ଇ’ ଆଗରେ ଥିବା କେତୋଟି ଶବ୍ଦ ସଂଗ୍ରହ କରି ସେଗୁଡିକ ବାକ୍ୟରେ ବ୍ୟବହାର କର ।

ଓଡିଆ ବର୍ଣ୍ଣ ପରିଚୟ

 'ଇ' ସ୍ୱରବର୍ଣ୍ଣରେ ଓଡିଆ ଶବ୍ଦର ବ୍ୟବହାର ଯଦିଓ ଦେଖାଯାଏ,ତବେ ଇ ଆଗରେ ଥିବା ବହୁତ ଶବ୍ଦ ଆଖିରେ ପଡେ ନାହିଁ। କେତୋଟି ଶବ୍ଦ ଅବଶ୍ୟ ଆମର ଦୃଷ୍ଟି ଗୋଚର ହୁଏ, ଯେମିତିକି –

ଈପ୍ସା ( ପାଇବାର ଇଚ୍ଛା) –

ଈର୍ଷା –

ଈଷ (ଲଙ୍ଗଳ ଦଣ୍ଡ)-

ଈଶ (ପ୍ରଭୁ/ସ୍ୱାମୀ) –

ଈଶ୍ୱରୀ (ଦୁର୍ଗା) –

ଈଶାନ (ଉତ୍ତର -ପୂର୍ବ କୋଣ) –

ଈଦୃଶ (ଏଭଳି) –

ଈଷତ୍ (ଅଳ୍ପ) -

ଈପ୍ସୁ (ପାଇବାକୁ ଇଚ୍ଛୁକ) –

'ଉ' ସ୍ୱରବର୍ଣ୍ଣ ଆଗରେ ଥିବା ବହୁ ଓଡିଆ ଶବ୍ଦ ଆମେ ନିତିଦିନ ବ୍ୟବହାର କରିଥାଉ, ଯେମିତିକି –

ଉଆ (ଅରୁଆ) -

ଉଆସ ( ନଅର) -

ଉଆଁସ ( ଅମାବାସ୍ୟା) -

ଉଖୁଡା –

ଉକୁଣି-

ଉଚ୍ଚ–

ଉଚିତ–

'ଏ' ସ୍ୱରବର୍ଣ୍ଣ ଆଗରେ ଥିବା ଅନେକ ଗୁଡିଏ ଶବ୍ଦ ଆମର ସବୁଦିନିଆ ବ୍ୟବହାରରେ ଆସିଥାଏ, ଯେମିତିକି –

ଏକ –

ଏକକ–

ଏକା–

ଏଣୁ–

ଏସନ–

ଏମିତି–

ଏଡି( ଗୋଇଠି) -

ଏବଂ -

ଏଣ୍ଡୁରି (ପିଠା) -

ଏଣ୍ଡୁଅ -

ଏବେ ତୁମେ ମାନେ 'ଏ' ଆଗରେ ଥିବା ଏମିତି ଆଉ କେତୋଟି ଶବ୍ଦ ସଂଗ୍ରହ କରି ବାକ୍ୟରେ ବ୍ୟବହାର କର।

'ଐ' ସ୍ୱରବର୍ଣ୍ଣରେ ଅବଶ୍ୟ ବହୁଳ ଶବ୍ଦର ବ୍ୟବହାର ଦେଖାଯାଏ ନାହିଁ।ତେବେ ଆମେ ମଧ୍ୟଦେଖୁ –

ଐତିହାସିକ –

ଐକାନ୍ତିକ (ପ୍ରଗାଢ) -

ଐଚ୍ଛିକ(ଇଚ୍ଛାଧୀନ) -

ଐରାବତ ( ଇନ୍ଦ୍ରଙ୍କ ହାତୀ) –

ଐଶ୍ୱର୍ଯ୍ୟ (ଧନ ସଂପତ୍ତି) –

'ଓ' ସ୍ୱରବର୍ଣ୍ଣରେ ଆମ ବହୁ ଶବ୍ଦର ବ୍ୟବହାର ପାଉ। ପ୍ରଥମରୁ 'ଓ' ଅର୍ଥ ଆଉ ବା ପୁଣି। ସେହିପରି –

ଓଉ –

ଓଖର (କ୍ଷୀର) –

ଓଠ –

ଓଡ( ଓଡିଆ ପାଇକଜାତି) –

ଓଷା –

ଓଦା –

ଓଡିଆ –

ଓଡିଶା –

ଓଜନ -

ଓଡଶ (ଛାରପୋକ)

ଏବେ ତୁମେ ମାନେ ତୁମ ଆଖପାଖରେ ଥିବା 'ଓ' ଆଦ୍ୟ ତିଆରି ଶବ୍ଦ ସଂଗ୍ରହ କରି ତଳେ ଲେଖ।

ଉଚ୍ଚାରଣ – ଉଚ୍ଚାରଣ ସ୍ପଷ୍ଟ ହେଲେ,ଭାବ ସୁନ୍ଦର ହୁଏ।

ଉଠାଣି – ଜୀବନ ରାସ୍ତାରେ ବହୁ ଉଠାଣି ,ଗଡାଣି ଥାଏ।

ଉଦୟ – ସୂର୍ଯ୍ୟ ପୂର୍ବ ଦିଗରେ ଉଦୟ ହୁଅନ୍ତି।

ଏବେ ତୁମେ ମାନ 'ଉ' ଆଗରେ ଥିବା କେତୋଟି ଶବ୍ଦ ସଂଗ୍ରହ କର। ସେଥିରେ ମଧ୍ୟରୁ ପାଞ୍ଚଟି ବାକ୍ୟ ଗଠନ କର।

'ଊ' ସ୍ୱରବର୍ଣ୍ଣ ଆଗରେ ଥିବା ଶବ୍ଦ ସଂଖ୍ୟା ମଧ ସେତେ ଅଧିକ ନୁହେଁ। ତେବେ କେତୋଟି ଶବ୍ଦ ଆମେ ଏଠାରେ ଉଲ୍ଲେଖ କରିପାରିବା। ଯେମିତିକି –

ଊଣା (କମ୍)

ଊନ (ଦୁର୍ବଳ)

ଊରୁ(ଜଙ୍ଘ)

ଊର୍ଣ୍ଣନାଭ ( ବୁଢିଆଣୀ)

ଊର୍ଦ୍ଧ୍ୱ(ଉପର)

ଊର୍ମି (ଢେଉ)

ଯଦି ତୁମ ଆଖ ପାଖରେ 'ଊ' ଆଗରେ ଥିବା ଶବ୍ଦ ଦେଖ, ତେବେ ସେସବୁ ସଂଗ୍ରହ କରି ତଳେ ଲେଖ।

'ଔ' ସ୍ୱରବର୍ଣ୍ଣରେ ମଧ୍ୟ ଆମେ ବହୁଳ ଶବ୍ଦ ପ୍ରୟୋଗ ପାଉନାହୁଁ । କେତୋଟି ଶବ୍ଦ ଅବଶ୍ୟ, ବ୍ୟବହାର ବେଳେ ଆଖିରେ ପଡେ-

ଔଚିତ୍ୟ (ଯଥାର୍ଥତା) -

ଔଦ୍ଧତ୍ୟ (ଧୃଷ୍ଟତା)-

ଔପନ୍ୟାସିକ -

ଔଦାସିନ୍ୟ( ଅନାସକ୍ତି) -

ଔରତ (ଆହୃତ ଶବ୍ଦ - ନାରୀ / ଭାର୍ଯ୍ୟା) -

ଔରସ -

ଔଷଧ -

ସେହିପରି 'ଋ' ବର୍ଣ୍ଣରେ ଆମେ ଦେଖିବା –

ଋକ୍ (ବେଦମନ୍ତ୍ର) -

ଋଣ -

ଋକ୍ଷ -

ଋତ -

ଋଷୀ (ତପସ୍ୱୀ) -

ଋତୁ -

ଋତି (ଶୁଭ) -

ଏବେ ତୁମମାନଙ୍କ ପାଇଁ କାମ ଯଦି 'ଔ' ଏବଂ 'ଋ' ଆଦ୍ୟରେ ଥିବା ଶବ୍ଦ ଆଖପାଖରେ ଦେଖ ,ତେବେ ସେସବୁ ସଂଗ୍ରହ କରି ଗୋଟିଏ ତାଲିକା କର ।

ବ୍ୟଞ୍ଜନବର୍ଣ୍ଣ ବିଷୟରେ ତୁମେ ମାନେ ପଢିଲ ,ଏହା କିଭଳି ଓଡିଆ ବର୍ଣ୍ଣମାଳାକୁ ଶୋଭାବନ୍ତ କରିଛି ଜାଣିଲ । ଏବେ ଆସ ଦେଖିବା ବ୍ୟଞ୍ଜନ ବର୍ଣ୍ଣକୁ ନେଇ ଆମେ ବ୍ୟବହାର କରୁଥିବା ଶବ୍ଦାବଳୀ । 'କ' ବ୍ୟଞ୍ଜନ ବର୍ଣ୍ଣ ଠାରୁ 'କ୍ଷ' ବ୍ୟଞ୍ଜନ ବର୍ଣ୍ଣ ପର୍ଯ୍ୟନ୍ତ ବହୁ ତତ୍ସମ ,ତଦ୍ଭବ ,ଦେଶଜ ଓ ଆହୃତ ଶବ୍ଦ ଆମେ ବ୍ୟବହାର କରିଥାଉ । ଆସ ଆମେ କ୍ରମାନ୍ୱୟରେ ସେହିସବୁ ବ୍ୟଞ୍ଜନ ବର୍ଣ୍ଣ ଆଗରେ ଥାଇ ଗଢା ହୋଇଥିବା କେତୋଟି ନିତିଦିନିଆ ଶବ୍ଦ ଦେଖିବା । ପ୍ରଥମେ –

'କ' ବ୍ୟଞ୍ଜନ ବର୍ଣ୍ଣ – କଅଣ — କଣ

କଉ(ମାଛ) — କଡ(ପାଖ)

କଜଳ(ଆଖିର ଅଞ୍ଜନ) — କଇଁ (ଫୁଲ)

କଟକ (ରାଜଧାନୀ) — କନକ(ସୁନା)

କଥା (ଗପ / ଆଳାପ ) — କଢ

'ଖ' ବ୍ୟଞ୍ଜନ ବର୍ଣ୍ଣ – ଖଇର — ଖଡି

ଖଇ(ଲିଆ) — ଖଡା

ଖଗ(ପକ୍ଷୀ) — ଖଟ

ଖରା — ଖଡୁ

ଖବର — ଖଣି

'ଗ' ବ୍ୟଞ୍ଜନ ବର୍ଣ୍ଣ - ଗଛ — ଗରା

ଗଜ — ଗଡୁ (ଢାଳ)

ଗଜପତି — ଗରିବ

ଗଣିତ — ଗଜି( ଅତିଛୁଆ ଉକୁଣୀ)

| | | |
|---|---|---|
| | ଗରମ | ଗଙ୍ଗା |
| | ଗଣେଶ | ଗଠନ (ଗଢଣ) |
| 'ଘ' ବ୍ୟଞ୍ଜନବର୍ଣ୍ଣ - | ଘଟ (କଳସ) | ଘନ (ଗାଢ) |
| | ଘଡି | ଘରଚଟିଆ |
| | ଘଟଣା | ଘର |
| | ଘଞ୍ଚ | ଘଡଘଡି ଇତ୍ୟାଦି । |
| 'ଚ' ବ୍ୟଞ୍ଜନ ବର୍ଣ୍ଣ - | ଚଇତ(ଚୈତ୍ରମାସ) | ଚଉପଦୀ (ଚାରିପଦ ବିଶିଷ୍ଟ ସଙ୍ଗୀତ ବା କବିତା) |
| | ଚଉକି ବା ଚକ | ଚଉଠ( ଏକଚତୁର୍ଥାଂଶ) |
| | ଚଉଡା | ଚକୁଳି |
| | ଚଉତ(ଚାରିଭାଗ) | ଚକାଡୋଳା |
| | ଚଉତିଗ | ଚକ |
| 'ଛ' ବ୍ୟଞ୍ଜନ ବର୍ଣ୍ଣ - | ଛଅ | ଛଳ |
| | ଛଇ (ଚାତୁରୀ ) | ଛଣ |
| | ଛଉ | ଛତା |
| | ଛକ | ଛଡା |
| | ଛଡ | ଛତୁ |
| 'ଜ' ବ୍ୟଞ୍ଜନ ବର୍ଣ୍ଣ - | ଜଉ (ଲାଖ) | ଜଠର(ପେଟ) |
| | ଜଡ | ଜଣ |
| | ଜଖମ (ଆଘାତ ) | ଜଳ |
| | ଜଗତ | ଜପ |
| | ଜକା(ଲୋଭୀ) | ଜନ |
| 'ଝ' ବ୍ୟଞ୍ଜନବର୍ଣ୍ଣ – | ଝଗଡା | ଝଣ୍ଡା(ପତାକା) |
| | ଝଡ | ଝଙ୍କାର |
| | ଝରଣା | ଝର |
| | ଝଟକା(ହଠାତ୍ ଆଘାତ) | ଝଟାପଟା |

| | | |
|---|---|---|
| | ଝଟକ (ଆଭା) | ଝଡିପୋକ |
| 'ଟ' ବ୍ୟଞ୍ଜନ ବର୍ଣ୍ଣ- | ଟଗର | ଟହଳିଆ (ସେବାକାରୀ) |
| | ଟଙ୍କା | ଟପଟପ |
| | ଟଭା(ଏକପ୍ରକାରର ଲେମ୍ବୁ) | ଟଳମଳ |
| | ଟହଟହ (ଗାଢନାଲି) | ଟକାଟକ(ସଙ୍ଗେ ସଙ୍ଗେ) |
| | ଟକରା | ଟଳମଳ |
| 'ଠ' ବ୍ୟଞ୍ଜନ ବର୍ଣ୍ଣ- | ଠିକଣା | ଠକ |
| | ଠଣା | ଠରା(ସଙ୍କେତ) |
| | ଠିକା | ଠଉରା(ସନ୍ଧାନ) |
| | ଠିପି | ଠାକୁର |
| | ଠେକୁଆ | ଠେକା(ପଗଡି) |
| 'ଡ' ବ୍ୟଞ୍ଜନ ବର୍ଣ୍ଣ - | ଡଉଲ(ସୁନ୍ଦର) | ଡକରା(ନିମନ୍ତ୍ରଣ) |
| | ଡଗଡଗ(ଶୀଘ୍ରଶୀଘ୍ର) | ଡଗର(ଦୂତ) |
| | ଡବା | ଡଙ୍କ |
| | ଡମ୍ବୁରୁ | ଡରକୁରା |
| | ଡହରା | ଡହଡହ(ତାତିଲା) |
| 'ଢ' ବ୍ୟଞ୍ଜନବର୍ଣ୍ଣ- | ଢଗ | ଢଙ୍କା(ଘୋଡେଇବା) |
| | ଢଙ୍ଗ | ଢପ(ଛଇ/ଆଡମ୍ବର) |
| | ଢାମଣା | ଢମ(ଅମୂଳକ) |
| | ଢାଲୁ(ଗଡାଣି) | ଢଳଢଳ |
| 'ତ' ବ୍ୟଞ୍ଜନ ବର୍ଣ୍ଣ- | ତକ(ସବୁ/ପର୍ଯ୍ୟନ୍ତ) | ତଉଲ(ଓଜନ) |
| | ତଗଡା(ବଳିଷ୍ଠ) | ତତଲା |
| | ତକିଆ | ତଟୁ(ଛୋଟ ଘୋଡା) |
| | ତତ୍ସମ | ତନୟା(କନ୍ୟା) |
| | ତରତର | ତଟସ୍ଥ(ବିସ୍ମିତ) |

| | |
|---|---|
| 'ଥ' ବ୍ୟଞ୍ଜନ ବର୍ଣ୍ଣ – ଥଟା | ଥାଳି |
| ଥଣ୍ଡା | ଥାକ |
| ଥୟ | ଥୁକ(ଛେପ) |
| ଥର | ଥୋପ(ପ୍ରଲୋଭନର ଉପାୟ) |
| ଥଳି(ମୁଣି) | ଥାଳ (ଭିକ୍ଷାପାତ୍ର) |
| 'ଦ' ବ୍ୟଞ୍ଜନ ବର୍ଣ୍ଣ - ଦଅଣା (ଫୁଲ) | ଦଇତା(ଶ୍ରୀ ଜଗନ୍ନାଥଙ୍କ ସେବକ) |
| ଦଇବ | ଦଉଡି |
| ଦହି | ଦଦରା(ଭଙ୍ଗା) |
| ଦର(ମୂଲ) | ଦରଜ |
| ଦକ୍ଷିଣ | ଦକ୍ଷ(ସମର୍ଥ) |
| 'ଧ' ବ୍ୟଞ୍ଜନ ବର୍ଣ୍ଣ- ଧଇଁ(ଶ୍ୱାସରୋଗ) | ଧନୀ |
| ଧଳା | ଧନ |
| ଧଡି(ଲିଗାଧଡି) | ଧୂଳି |
| ଧନୁ | ଧଡସ(ଧମକ) |
| ଧରା(ଧରଣୀ) | ଧନ୍ଦା |
| 'ନ' ବ୍ୟଞ୍ଜନ ବର୍ଣ୍ଣ – ନଅର | ନକଲ |
| ନଈ | ନଖ |
| ନଗର | ନଡିଆ |
| ନଟେଇ | ନଡା |
| ନଟୁ | ନତି(ନମ୍ରତା) |
| 'ପ' ବ୍ୟଞ୍ଜନବର୍ଣ୍ଣ- ପଇଡ | ପଇତା |
| ପଖାଳ | ପଇସା |
| ପଗଡି | ପଣତ |
| ପଟ | ପଡିଶା |
| ପଥର | ପଣସ |

| | | |
|---|---|---|
| 'ଫ' ବ୍ୟଞ୍ଜନବର୍ଣ୍ଣ – | ଫଳ | ଫଣା |
| | ଫଗୁ | ଫଗୁଣ |
| | ଫସଲ | ଫୁଲ |
| | ଫାଳ | ଫାଟ |
| 'ବ' ବ୍ୟଞ୍ଜନ ବର୍ଣ୍ଣ- | ବଇଦ | ବଇରି(ଶତ୍ରୁ) |
| | ବଉଦ | ବଉଳ |
| | ବକ/ବଗ | ବଖରା |
| | ବଗିଚା | ବଚନ(କଥା/ବାକ୍ୟ) |
| | ବଡ | ବଣ |
| 'ଭ' ବ୍ୟଞ୍ଜନବର୍ଣ୍ଣ – | ଭଉଣୀ | ଭଡା |
| | ଭଣଜା | ଭରଣ |
| | ଭବନ | ଭରତ |
| | ଭରି | ଭଗାରି(କୁଟୁମ୍ବ) |
| | ଭୟ | ଭରସା |
| 'ମ' ବ୍ୟଞ୍ଜନବର୍ଣ୍ଣ – | ମଇ(ମାସ) | ମଉସା |
| | ମକର | ମକା |
| | ମଗଜ(ବୁଦ୍ଧି) | ମଠ |
| | ମଡକ | ମତ |
| | ମଦ | ମଣିଷ |
| 'ଯ' ବ୍ୟଞ୍ଜନ ବର୍ଣ୍ଣ – | ଯତନ | ଯତି( ବରାମ ଚିହ୍ନ) |
| | ଯଦି (ଯେବେ) | ଯମ |
| | ଯମୁନା | ଯହିଁ(ଯେଉଁଠାରେ) |
| | ଯହୁଁ(ଯେହେତୁ) | ଯାଉ(ଗୁଡଖିରି) |
| | ଯଥା | ଯେତେ |
| 'ର' ବ୍ୟଞ୍ଜନ ବର୍ଣ୍ଣ – | ରଥ | ରକା |

| | |
|---|---|
| ରକ୍ଷକ | ରଙ୍ଗ |
| ରଘୁ | ରଜତ |
| ରସ | ରଣ |
| ରଚନା | ରସିକ |
| 'ଲ' ବ୍ୟଞ୍ଜନ ବର୍ଣ୍ଣ – ଲକ୍ଷ | ଲକ୍ଷ୍ୟ |
| ଲକ୍ଷଣ | ଲଗାଣ |
| ଲଗାମ | ଲଘୁ |
| ଲଟପଟ | ଲଙ୍କା |
| ଲବଣ | ଲଲାଟ(କପାଳ) |
| 'ଶ' ବ୍ୟଞ୍ଜନ ବର୍ଣ୍ଣ – ଶଅର(ଶବର) | ଶଗଡ |
| ଶଙ୍ଖ | ଶଠ |
| ଶତକ | ଶପଥ |
| ଶୟନ | ଶରୀର |
| ଶରଧା | ଶଶକ(ଠେକୁଆ) |
| 'ଷ' ବ୍ୟଞ୍ଜନ ବର୍ଣ୍ଣ – ଷଟ୍‌ପଦୀ (ଛଅ ଚରଣ ବିଶିଷ୍ଟ କବିତା ବା ଶ୍ଳୋକ) | |
| ଷଡ | ଷଷ୍ଠ |
| ଷଣ୍ମାସିକ | ଷୋଡଶ |
| ଷଠୀ | ଷ୍ଟେସନ (ଇଂରାଜୀ) |
| 'ସ' ବ୍ୟଞ୍ଜନ ବର୍ଣ୍ଣ- ସଅଳ | ସଇନ |
| ସଉକ | ସଉଦା |
| ସହଚର | ସଦର |
| ସଦନ | ସହର |
| ସମାଜ | ସଡକ |
| 'ହ' ବ୍ୟଞ୍ଜନ ବର୍ଣ୍ଣ – ହଉ | ହଟ(ଛଳ) |
| ହରଡ | ହରଣ |

| | |
|---|---|
| ହସ | ହଳ |
| ହଳନ୍ତ(ସ୍ୱରହୀନ ବ୍ୟଞ୍ଜନ ବର୍ଣ୍ଣ / ବ୍ୟଞ୍ଜନାନ୍ତ) | ହଳଧର |
| ହର | ହତାଶ |
| 'କ୍ଷ' ବ୍ୟଞ୍ଜନ ବର୍ଣ୍ଣ –କ୍ଷଣ(ମୁହୂର୍ତ୍ତ) | କ୍ଷତ |
| କ୍ଷମ(ସମର୍ଥ) | କ୍ଷୟ(ନାଶ) |
| କ୍ଷର(ମେଘ/ନଶ୍ୱର) | ଇତ୍ୟାଦି। |

ବିଦ୍ୟାର୍ଥୀଗଣ ବ୍ୟଞ୍ଜନ ବର୍ଣ୍ଣର ବ୍ୟବହାର ବିଷୟରେ ତ ଜାଣିଲ, ଏବେ ତୁମେମାନେ ଉପରେ ଦିଆଯାଇଥିବା 'କ' ଠାରୁ 'କ୍ଷ' ବ୍ୟଞ୍ଜନ ବର୍ଣ୍ଣ ଗଠିତ ଶବ୍ଦ ଗୁଡିକ ଭଲଭାବରେ ପଢ଼। ସେଥିମଧ୍ୟରୁ ପ୍ରତି ବ୍ୟଞ୍ଜନ ବର୍ଣ୍ଣର ଗୋଟିଏ ଲେଖାଏଁ ତୁମ ମନ ମୁତାବକ ଶବ୍ଦ ନେଇ ବାକ୍ୟ ଗଠନ କର।

'କ'

---

'ଖ'

---

'ଗ'

---

'ଘ'

---

'ଚ'

---

'ଛ'

---

'ଜ'

---

'ଝ'

---

'ଟ'

---

'ଠ'

---

'ଡ'

‘ଢ’

‘ତ’

‘ଥ’

‘ଦ’

‘ଧ’

‘ନ’

‘ପ’

‘ଫ’

‘ଭ’

‘ମ’

‘ଯ’

‘ର’

‘ଲ’

‘ଶ’

‘ଷ’

‘ସ’

'ହ'

---

'କ୍ଷ'

---

ତୁମେମାନେ ନିତିଦିନ ସ୍ୱର ଓ ବ୍ୟଞ୍ଜନ ବର୍ଣ୍ଣ ଶବ୍ଦର ବହୁଳ ବ୍ୟବହାର କରୁଛ। ଏହିସବୁ ଶବ୍ଦକୁ ନେଇ ବାକ୍ୟରେ ପ୍ରୟୋଗ କରୁଛ। ତୁମେ ସ୍ୱରବର୍ଣ୍ଣ ଶବ୍ଦ ଓ ବ୍ୟଞ୍ଜନ ବର୍ଣ୍ଣ ଶବ୍ଦ ତାଲିକା ତିଆରି କର। ଏହା ତୁମକୁ ଓଡିଆ ବର୍ଣ୍ଣମାଳା ବୁଝିବାରେ ଆହୁରି ସହାୟକ ହୋଇପାରିବ। ମନେରଖ ,ବର୍ଣ୍ଣ ବା ଅକ୍ଷର,ଶବ୍ଦ ଓ ବାକ୍ୟକୁ ଯେତେ ବ୍ୟବହାର କରିବ ଆମ ଭାଷା ସେତେ ବ୍ୟବହାର ଉପଯୋଗୀ ହୋଇପାରିବ। ବ୍ୟବହାର ଉପରେ ହିଁ ଭାଷାର ଭବିଷ୍ୟତ ସବୁ ବେଳେ ନିର୍ଭର କରିଥାଏ। ଏହି କଥାଟି ସବୁବେଳେ ମନେରଖ।

ବିଦ୍ୟାର୍ଥୀ ଗଣ ,ତୁମେମାନେ 'ଅ' ଠାରୁ 'କ୍ଷ' ପର୍ଯ୍ୟନ୍ତ ଓଡିଆ ବର୍ଣ୍ଣମାଳାର ସ୍ୱରବର୍ଣ୍ଣ (Vowel) ଓ ବ୍ୟଞ୍ଜନବର୍ଣ୍ଣ (Consanant) ବିଷୟରେ ଭଲ ଭାବେ ବୁଝିଥିବ। ଅ,ଆ,ଇ,ଈ,ଉ,ଊ,ଏ,ଐ,ଓ,ଔ ଆଦି ସ୍ୱରବର୍ଣ୍ଣକୁ ଆଗରେ ରଖି ଆମ ନିତିଦିନିଆ ବ୍ୟବହାରରେ ଆସୁଥିବା କେତେ ଗୁଡିଏ ଶବ୍ଦ ଓ ସେସବୁର ବ୍ୟବହାର ଦେଖିଲେ,ର,ଋ,ଯଦିଓ ଆମର ବର୍ଣ୍ଣମାଳାରେ ଅଛି,ତେବେ ଦର୍ଘ ଋ ର ବ୍ୟବହାର ଏବଏ ଆମ ଭାଷାର ଉଭୟ କଥିତ (Spoken) ଏବଂ ଲିଖିତ (Written) ରେ ନାହିଁ। ତେଣୁ ଆମେ ଏ ବିଷୟରେ ଆଲୋଚନା କରୁନାହେଁ ସେହି ପରି 'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ ବ୍ୟଞ୍ଜନ ବର୍ଣ୍ଣ (Consanant) କଥା ଦେଖିଲା ବେଳେ ଆମେ ଦେଖିଲେ ଯେ , 'କ' ବର୍ଗରେ ଥିବା କ ,ଖ,ଗ, ଘ, ଙ , 'ଚ' ବର୍ଗରେ ଥିବା ଚ,ଛ,ଜ,ଝ,ଞ ଏବଂ 'ଟ' ବର୍ଗରେ ଥିବା ଟ,ଠ,ଡ,ଢ,ଣ ଏହି ତିନୋଟି ନାସିକ୍ୟବର୍ଣ୍ଣ (Nasal Sound) କୁ ଆଦ୍ୟରେ ରଖି ଶବ୍ଦ ଗଠନ କରାଯାଏ ନାହିଁ। ବର୍ଣ୍ଣକୁ ଶବ୍ଦରେ ଗଠନ କରିବା ପାଇଁ ଆମ ପାଖରେ ତିନୋଟି ସ୍ଥାନ (Place) ବିଚାର ଯୋଗ୍ୟ। ଯେମିତିକି ଆଦ୍ୟସ୍ଥାନ (Initial Position), ମଧ୍ୟସ୍ଥାନ (Medial and Medium Position) ଏବଂ ପ୍ରାନ୍ତ ବା ଶେଷ ସ୍ଥାନ (Final Position) । ଆମେ ଆମ ସୁବିଧା ନିମନ୍ତେ ଆଲୋଚ୍ୟ ବର୍ଣ୍ଣ ଗୁଡିକର ଆଦ୍ୟସ୍ଥାନ ବ୍ୟବହାର ବିଷୟଦେଖିଲେ। ଆମେ ବ୍ୟବହାର କରୁଥିବା ସହଜ,ସରଳ, ବୋଧଗମ୍ୟ ଶବ୍ଦ କେତୋଟି ବିଷରେ ଆଲୋକପାତ କଲେ, ଶବ୍ଦ ଗୁଡିକର ଶୁଦ୍ଧ- ଅଶୁଦ୍ଧ ବିଚାର କରି କେଉଁଟା ଠିକ୍,କେଉଁଟା ଭୁଲ୍ ସେ ବିଷୟରେମଧ ଜାଣିଲେ ,ଓଡିଆ ଭାଷାକୁ ଏହି ବର୍ଣ୍ଣମାଳା ହିଁ ବୈଶିଷ୍ଟ୍ୟମୟ କରିପାରିଛି।

ବିଦ୍ୟାର୍ଥୀଗଣ ,ତୁମେ ମାନେ ଏହି ପାଠ୍ୟକ୍ରମରେ ଓଡିଆ ବର୍ଣ୍ଣମାଳାର ବିଚାର,ଏହାର ବିଭାଗୀ କରଣ, ବ୍ୟବହାର ,ଶୁଦ୍ଧ - ଅଶୁଦ୍ଧ ପ୍ରୟୋଗ ଏବଂ ବନାନ ବିଷୟରେ ଅବଗତ ହେଲ। ଆମେ ବର୍ଣ୍ଣରୁ ଆରମ୍ଭ କରି ବ୍ୟାକରଣର ଗୁରୁତ୍ୱପୂର୍ଣ୍ଣ ବିଷୟ ସବୁ ଉଦାହରଣ ସହ ଆଲୋଚନା କଲେ। ଏ ସବୁ ବିଷୟ ତୁମମାନଙ୍କ ଜ୍ଞାନବଢାଇବା ସହ ଓଡିଆ ଭାଷାର ପ୍ରୟୋଗ ବା ବ୍ୟବହାରରେ ତୁମମାନଙ୍କୁ ସହାୟକ ହେବ। ତୁମେ ମାନେ ଏବେ ସଂକ୍ଷେପରେ ଏସବୁ ବିଷୟରେ ନିଜେ ଯେପରି ବୁଝିଛ ସେପରି ଲେଖି,ଆବଶ୍ୟକ ଅନୁସାରେ ଉଦାହରଣ ଲେଖ।

ଓଡିଆ ବର୍ଣ୍ଣ ମାଳା -

---

କ୍ରିୟା

କାଳ

ବିଦ୍ୟାର୍ଥୀଗଣ ,ତୁମେମାନେ ଜାଣିଲ ଯେଉଁ ବର୍ଣ୍ଣ ଅନ୍ୟ ବର୍ଣ୍ଣର ସାହାଯ୍ୟ ନନେଇ ଉଚ୍ଚାରିତ ହୁଅନ୍ତି ସେମାନେ - ସ୍ୱରବର୍ଣ୍ଣ (Vowel) ଏବଂ ଯେଉଁ ବର୍ଣ୍ଣ ସ୍ୱର ବର୍ଣ୍ଣର ସାହାଯ୍ୟ ନେଇ ଉଚ୍ଚାରିତ ହୁଅନ୍ତି ସେମାନେ - ବ୍ୟଞ୍ଜନ ବର୍ଣ୍ଣ (Consanant) ଆମେ ଦେଖିଲେ , 'କ' ଠାରୁ 'ମ' ପର୍ଯ୍ୟନ୍ତ ପଚିଶ ବର୍ଣ୍ଣକୁ ବର୍ଗ୍ୟ ବର୍ଣ୍ଣ କୁହାଯାଏ । ସେହିପରି ଆମେ ଜାଣିଲେ ଯେ ,ଅ-ଇ- ଉ-ର କୁ ହ୍ରସ୍ୱ ସ୍ୱର ବର୍ଣ୍ଣ, ଆ-ଈ- ଊ-ର କୁ ଦୀର୍ଘ ସ୍ୱର ବର୍ଣ୍ଣ ଏବଂ ଏ-ଐ-ଓ-ଔ କୁ ମିଶ୍ରିତ ଦୀର୍ଘ ସ୍ୱରବର୍ଣ୍ଣ କୁହାଯାଏ । ତେବେ ଏବେ ଆଉ କେତୋଟି କଥା ମନେରଖ- ଙ,ଞ,ଣ,ନ,ମ,- ଏମାନେ ଅନୁନାସିକବର୍ଣ୍ଣ ,ପ୍ରତି ଅନୁନାସିକ ବର୍ଣ୍ଣ ନିଜ ବର୍ଗରେ ଅନ୍ୟଚାରି ବର୍ଣ୍ଣ ସହିତ ମିଶିପାରିବେ, ମାତ୍ର ଅନ୍ୟବର୍ଗରେ ନୁହେଁ । ଉଦାହରଣ –

'କ' ବର୍ଗ – କ,ଖ,ଗ,ଘ,ଙ

'ଙ' ଅନୁନାସିକ ବର୍ଣ୍ଣ

ଙ +କ = ଙ୍କ (ଲଙ୍କା,ଟଙ୍କା,ପଙ୍କ)

ଙ+ ଖ = ଙ୍ଖ (ଶଙ୍ଖ,ପଙ୍ଖା,ଶଙ୍ଖ)

ଙ +ଗ = ଙ୍ଗ (ରଙ୍ଗ,ସାଙ୍ଗ,ବାରଙ୍ଗ)

ଙ+ ଘ= ଙ୍ଘ (ଜଙ୍ଘ,ଲଙ୍ଘ,ଶିଙ୍ଘ)

'ଚ' ବର୍ଗ –ଚ,ଛ, ଜ,ଝ,ଞ

ଞ+ ଚ = ଞ୍ଚ (କୁଞ୍ଚ,ଲାଞ୍ଚ,ଛାଞ୍ଚ)

ଞ+ ଛ = ଞ୍ଛ (ବାଞ୍ଛା,ମନବାଞ୍ଛା)

ଞ +ଜ = ଞ୍ଜ (ଲାଞ୍ଜ,ସଞ୍ଜ,ପିଞ୍ଜରା)

ଞ +ଝ= ଞ୍ଝ (ପଞ୍ଝା,ବାଞ୍ଝ)

'ଟ' ବର୍ଗ – ଟ,ଠ,ଡ,ଢ,ଣ

'ଣ' ଅନୁନାସିକ ବର୍ଣ୍ଣ

ଣ+ଟ= ଣ୍ଟ (ଥଣ୍ଟ,କଣ୍ଟା,ଖୁଣ୍ଟ)

ଣ+ ଡ = ଣ୍ଡ (ଦଣ୍ଡ,ଭଣ୍ଡ,ବାରଣ୍ଡା)

ଣ +ଢ= ଣ୍ଢ (ଶୁଣ୍ଢ,ଶୁଣ୍ଢି,ଷଣ୍ଢ)

<u>'ତ' ବର୍ଗ ତ,ଥ,ଦ,ଧ,ନ</u>

'ନ' ଅନୁନାସିକ ବର୍ଣ୍ଣ

ନ+ ତ= ନ୍ତ (ଦାନ୍ତ ,ଶାନ୍ତି,ବାନ୍ତି)

ନ+ ଥ= ନ୍ଥ (କାନ୍ଥ,ସନ୍ଥ,ପନ୍ଥ)

ନ +ଦ = ନ୍ଦ (ଜନ୍ଦା,ଧନ୍ଦା,ଛନ୍ଦ)

ନ +ଧ= ନ୍ଧ (ଅନ୍ଧ,ବାନ୍ଧ,ସିନ୍ଧୀ)

<u>'ପ' ବର୍ଗ ପ,ଫ,ବ,ଭ,ମ</u>

'ମ' ଅନୁନାସିକ ବର୍ଣ୍ଣ

ମ+ ପ = ମ୍ପ (ଚମ୍ପ,ପିମ୍ପୁଡି,ପମ୍ପା)

ମ+ ଫ = ମ୍ଫ (ବାମ୍ଫ,ଲମ୍ଫ,ସିମ୍ଫୋନୀ)

ମ +ବ = ମ୍ବ (ଲମ୍ବ,ଆମ୍ବ, ଖମ୍ବ)

ମ+ ଭ = ମ୍ଭ (ଆରମ୍ଭ ,ସମ୍ଭବ,ଶୁମ୍ଭ)

ବିଦ୍ୟାର୍ଥୀଗଣ ମନେରଖ -'ଅ' ଭିନ୍ନ ଅନ୍ୟ ସବୁ ସ୍ୱରବର୍ଣ୍ଣର ମାତ୍ରାଚିହ୍ନ ଅଛି।

ଯେମିତିକି – ଆ – ମାଆ, ଚାହା, ସାଗର

ଇ -ଦିନ,ଆଶ୍ୱିନ, ଡାଳିମ୍ବ

ଈ- ସୀମା,ବୀର,ନୀର

(ବର୍ଣ୍ଣର ପରେ ଲାଗେ)

ଉ - ପୁଅ,ସୁନା,ସୁଖ (ବର୍ଣ୍ଣର ତଳେ ଲାଗେ)

ଊ – କୂଳ,ନୂଆ,ରୂପ(ବର୍ଣ୍ଣର ତଳେ ଲାଗେ)

ଋ- କୃପା,ତୃପ୍ତି,ଘୃତ (ବର୍ଣ୍ଣର ତଳେ ଲାଗେ)

ସେହିପରି – ଏ – ବେଶ,ଦେଶ, ତେବେ (ବର୍ଣ୍ଣର ପୂର୍ବରୁ ଲାଗେ)

ଐ –ନୈଶ,ଶୈଶବ,ଜୈବ (ବର୍ଣ୍ଣର ପୂର୍ବରୁ ଲାଗେ)

ଓ –ଭୋକ,ଭୋଗ,ରୋଗ (ବର୍ଣ୍ଣର ପୂର୍ବରୁ ଲାଗେ)

ଔ –ପୌଷ, ନୌକା,ଗୌରୀ(ବର୍ଣ୍ଣର ପୂର୍ବରୁ ଲାଗେ)

ଏହିପରି ବର୍ଣ୍ଣର ବ୍ୟବହାର ହୁଏ। କୁହାଯାଏ ଯେ -

ଯ,ୟ,ର,ଳ,ଲ, ଓ ଦ' ଏ ଛଅଟି ଅନ୍ତଃସ୍ଥ ବର୍ଣ୍ଣ

(ଯେହେତୁ ସ୍ୱରବର୍ଣ୍ଣ ଓ ବ୍ୟଞ୍ଜନ ବର୍ଣ୍ଣର ମଝିରେ ଥାଆନ୍ତି)

ଓ,ଶ,ଷ,ହ – ଏ ଚାରିଗୋଟି ଉଷ୍ମବର୍ଣ୍ଣ । ଆହୁରି ମଧ୍ୟ କୁହାଯାଏ ,କ ଠାରୁ ମ ପର୍ଯ୍ୟନ୍ତ ପଚିଶଟି ବର୍ଣ୍ଣର ଉଚ୍ଚାରଣ ବେଳେ ଆମେ ଜିଭର ଅଗ,ମଝି ବାମୂଳ ସାହାଯ୍ୟରେ କଣ୍ଠ ,ତାଳି ମୂର୍ଦ୍ଧା ଦନ୍ତ ଓ ଓଠକୁ ଛୁଇଁ ଥାଉ ,ତେଣୁ ଏହି ପଚିଶଟି ବର୍ଣ୍ଣ –ସ୍ପର୍ଶ ବର୍ଣ୍ଣ। ବିଦ୍ୟାର୍ଥୀଗଣ ,ଆମେ ମାନେ ଅ ଠୁ କ୍ଷ ପର୍ଯ୍ୟନ୍ତ ଓଡିଆ ବର୍ଣ୍ଣମାଳାର ସ୍ୱରବର୍ଣ୍ଣ ଓ ବ୍ୟଞ୍ଜନବର୍ଣ୍ଣକୁ ଆଲୋଚନା କରି ପ୍ରତ୍ୟେକ ବର୍ଣ୍ଣରୁ ଗଠିତ ଶବ୍ଦ କେତୋଟି ଉଦାହରଣ ଭାବେ ବିଚାର କଲେ। ଏ ସବୁ ମୁଖ୍ୟତଃ ବର୍ଣ୍ଣ ଗୁଡିକର ଆଦ୍ୟରେ ଥିବାର ଦୃଷ୍ଟାନ୍ତ। ତେବେ ବର୍ଣ୍ଣର ତିନୋଟି ସ୍ଥାନ ଥାଏ ଆଦ୍ୟ ସ୍ଥାନ (Initial Position) ମଧ୍ୟସ୍ଥାନ (Medial and Medium Position) ଏବଂ ପ୍ରାନ୍ତ ବା ଶେଷ ସ୍ଥାନ (Final Position) ଆମେ ଆମର ସୁବିଧା ପାଇଁ ,ସହଜରେ ବୁଝିବା ପାଇଁ ବର୍ଣ୍ଣ ଗୁଡିକର ଆଦ୍ୟସ୍ଥାନକୁ ନେଇ ଗଠିତ ସହଜ, ସରଳ ଶବ୍ଦ କେତୋଟିର ଆଲୋଚନା କଲେ। ତେବେ ମନେରଖ କୋତେଟି ବର୍ଣ୍ଣ ଆଦୌ ଆଦ୍ୟରେ ରଖି ବ୍ୟବହାର ହୋଇନଥାଏ। ଯେମିତିକି –

ଞ- ଲାଞ୍ଚ,କୁଞ୍ଚ,ପେଞ୍ଚ,ଛୁଞ୍ଚ,ବିଞ୍ଚଣା,ଛଞ୍ଚାଣ...

ଞ୍ଛ – ରାଞ୍ଛ,ମନବାଞ୍ଛା,

ଞ୍ଜ- ପିଞ୍ଜରା, ଲାଞ୍ଜ,ସଞ୍ଜ,ମଞ୍ଜ

ଞ୍ଝ –ବାଞ୍ଝ

ଙ – ବାଙ୍ମୟ

'ଙ' ବର୍ଣ୍ଣଟି କଣ୍ଠ୍ୟ ବର୍ଗ ଅନ୍ତର୍ଭୁକ୍ତ ଏକମାତ୍ର ବର୍ଣ୍ଣ,ଯାହାକି ଏକାକୀ ବ୍ୟବହାର ହୋଇ ନଥାଏ। ଓଡିଆ ବର୍ଣ୍ଣମାଳାର ଅଣଚାଶ (୪୯)ଟି ବର୍ଣ୍ଣ ଓଡିଆ ଭାଷାକୁ ବୈଶିଷ୍ଟ୍ୟପୂର୍ଣ୍ଣ କରିଛି। ଓଡିଆ ଭାଷା ଓ ସହିତ୍ୟରେ ଉଭୟ ସ୍ୱରବର୍ଣ୍ଣ ଓ ବ୍ୟଞ୍ଜନ ବର୍ଣ୍ଣକୁ ନେଇ ବହୁ ଉଲ୍ଲେଖନୀୟ ପ୍ରୟୋଗ ହୋଇଥିବାର ଦେଖାଯାଏ। ଯେମିତିକି – ଏକାକ୍ଷରକୋଷ ,ଚଉତିଶା, ଷୋଡଶା, ପଞ୍ଚାଶବର୍ଣ୍ଣାକ୍ଷର ନିୟମ ଇତ୍ୟାଦି। ଭାଷାର ପ୍ରାୟୋଗିକ ଦିଗକୁ ଉନ୍ମୋଚନ କରିବାରେ ଏସବୁ କୃତିର ଅବଦାନ ଯଥେଷ୍ଟ ଅଧିକ।ତୁମେମାନେ ଓଡିଆ ବର୍ଣ୍ଣମାଳାର ବୈଶିଷ୍ଟ୍ୟ ଓ ବ୍ୟବହାର ବିଷୟରେ ବିଶଦ ଭାବେ ବୁଝିଲ। ଏବେ ତୁମେମାନେ ପ୍ରତିଦିନ ବ୍ୟବହାର କରୁଥିବା ଓଡିଆ ଶବ୍ଦାବଳୀକୁ ନେଇ ନିଜ ନିଜ ଡାଏରୀରେ ଟିପି ରଖ।